ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୩୧ ଜାନୁୟାରୀ, ୨୦୨୧



## ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଅମରପାଲି,(ଡି.ଏନ.ଏ): ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ସୁବର୍ଣ୍ଣପୁର ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ଚାଷୀ ମାରଣନୀତି, ମଣ୍ଡିରୁ ଧାନ ଉଠାଇବାରେ ବିଳମ୍ବ, ଓଡିଶାର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନିଧି ଯୋଜନାରେ ସାମିଲ ନ କରିବା, ବେଆଇନଭାବେ କଟନୀ କରାଯିବା, ବାତିଲ ଟୋକନ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଥିଲା। ଭାଜପା ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାଶଙ୍କ ତତ୍ତ୍ୱାବଧାନରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଘୁନାଥ ଜଗଦଲା, ଜିଲା ପରିଷଦ ଗାୟତ୍ରୀ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ନଳିନୀ ପଣ୍ଡା, ସତ୍ୟ ମିଶ୍ର, ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା, ଅଶୋକ ସାହୁ ଏଥିରେ ସାମିଲ ହୋଇଥିଲେ।

# ଟୋକନ୍ ଅଛି, କିଣାଯାଉନି ଧାନ

**ବଲାଙ୍ଗୀର ଅଫିସ, ୩୦।୧**

- ପ୍ୟାକ୍ସ ସମ୍ପାଦକ, ଡିଇଓ, ପିଅନଙ୍କ ମର୍ଜିରେ ଚାଲିଛି ଧାନକିଣା
- ଜିଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ଧଣ୍ଡାମାଲ ପ୍ୟାକ୍ସର ଚାଷୀ
- ସରକାରୀ ନିୟମର ଖୋଲା ଉଲ୍ଲଂଘନ ଅଭିଯୋଗ

ବଲାଙ୍ଗୀର ଜିଲାରେ ଧାନକିଣାରେ ଚରମ ବିଭ୍ରାଟ ଦେଖାଦେଇଛି। ଜିଲାର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଲକ୍ଷାଧିକ କୁଇଣ୍ଟାଲ ଧାନ ବିକ୍ରି ହୋଇ ନ ପାରି ପଡି ରହିଛି। ଟୋକନ୍ ଓ ଟାର୍ଗେଟ ନାଁରେ ଚାଷୀଙ୍କୁ ଶୋଷଣ ପ୍ରକ୍ରିୟା ଜାରି ରହିଛି। ଅନେକ ମଣ୍ଡି ବା ପ୍ୟାକ୍ସରେ ସମ୍ପାଦକ, ଡାଟା ଏଣ୍ଟ୍ରି ଅପରେଟର୍ସ (ଡିଇଓ) ଓ ପିଅନ୍‌ମାନଙ୍କ ନାଁରେ ଅଭିଯୋଗ ହେଉଛି। ଦୁର୍ନୀତି ଓ ଶୋଷଣ କମାଇବା ପାଇଁ ସରକାର ଅନ୍‌ଲାଇନ୍ ବ୍ୟବସ୍ଥା କରିଛନ୍ତି। ହେଲେ ଏହି ବ୍ୟବସ୍ଥାରେ ଚାଷୀଙ୍କୁ ଶୋଷଣ କରିବା ପାଇଁ ପ୍ୟାକ୍ସ ସମ୍ପାଦକ, ଡିଇଓଙ୍କ ପାଇଁ ଆୟୁଧ ପାଲଟିଥିବା ଅଭିଯୋଗ ହେଉଛି।

ଦେଓଗାଁ ବ୍ଲକ ଧଣ୍ଡାମାଲ ପ୍ୟାକ୍ସରେ ସରକାରଙ୍କ ଧାନକିଣା ନିୟମର ଉଲ୍ଲଂଘନ କରାଯାଉଥିବା ଚାଷୀମାନେ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏହି ପ୍ୟାକ୍ସରେ ସମ୍ପାଦକ, ଡିଇଓ ଓ ପିଅନଙ୍କ ଇଚ୍ଛାନୁଯାୟୀ ଧାନକିଣା ଚାଲିଥିବା ଅଭିଯୋଗ କରିଛନ୍ତି। ଅନେକ ଚାଷୀଙ୍କ ଅଜାଣତରେ ପଞ୍ଜୀକରଣ ଓ ଜାଲିଆତି ଦସ୍ତଖତ କରାଯାଇ ଧାନକିଣା ଚାଲିଥିବା ଅଭିଯୋଗ କରାଯାଇଛି। ଯେଉଁ ଚାଷୀମାନେ ଧାନ ବିକ୍ରିର ସମ୍ଭାବ୍ୟ ତାରିଖ ଉଲ୍ଲେଖ କରି ନ ଥିଲେ ଏହା ଏବେ ଶୋଷଣ ପାଇଁ ଏକ ସୁଯୋଗ ପାଲଟିଛି। ସେଭଳି ଚାଷୀଙ୍କୁ ସମ୍ପାଦକ, ଡିଇଓ ମନଇଚ୍ଛା ତାରିଖ ଦେଉଛନ୍ତି। ଚାଷୀଙ୍କ ଟୋକନ୍ ଆସିଥିଲେ ମଧ ଲୁଚାଛପା କରି ଧାନକିଣା ପାଇଁ ୫/୬ ଦିନ ବିଳମ୍ବ କରାଯାଉଛି। କୁଇଣ୍ଟାଲ ପିଛା ୫/୬ କେଜି ଧାନ କଟ୍‌ନୀ କରାଯାଉଛି । ଯେଉଁ ଚାଷୀମାନେ ଅନ୍ୟାୟ ବିରୋଧରେ ପ୍ରତିବାଦ କରୁଛନ୍ତି ସେମାନଙ୍କ ଧାନରୁ କୁଇଣ୍ଟାଲ ପିଛା ୮/୧୦ କେଜି ଧାନ କାଟିଦେବାକୁ ଧମକ ଦିଆଯାଉଛି ଓ ଏଭଳିକି ଧାନ ଫେରାଇ ନେବାକୁ କୁହାଯାଉଛି ବୋଲି ଅଭିଯୋଗ କରିଛନ୍ତି। ଧାନ ଓଜନରେ ମଧ ଠକାମି କରାଯାଉଛି। ଧାନର ପରିମାଣ କେଜିକୁ କେବଳ ଉଲ୍ଲେଖ କରାଯାଇ ୮/୯ ଶହ ଗ୍ରାମ ପର୍ଯ୍ୟନ୍ତ ଉଲ୍ଲେଖ କରାଯାଉନାହିଁ। ନିୟମତଃ ଚାଷୀ ତାର ଉପାର୍ଜିତ ଧାନକୁ ମଣ୍ଡିକୁ ଆଣିବା କଥା। ମାତ୍ର ପ୍ୟାକ୍ସର ଅସାଧୁ କର୍ମଚାରୀଙ୍କ ଇସାରାରେ ସିଧାସଳଖ ମିଲ୍‌କୁ ସେଇ ଧାନ ନିଆଯାଉଛି। ନିର୍ଦ୍ଧାରିତ ସମୟରେ ଟୋକନ୍ ପାଇଥିବା ଚାଷୀମାନେ ଧାନ ବିକ୍ରି କରିପାରୁ ନାହାନ୍ତି। ସେମାନଙ୍କ ଧାନକୁ ୧୦/୧୫ ଦିନ ପର୍ଯ୍ୟନ୍ତ ମଣ୍ଡିରେ ପକାଇ ରଖାଯାଉଛି।ଧାନକ୍ରୟ ଦିବସରେ ମଧ ମଣ୍ଡି ବନ୍ଦ ରହୁଛି। କେତେକ ଚାଷୀଙ୍କୁ ଅଫିସକୁ ଡକାଯାଇ ସେମାନଙ୍କ ଆଖିର ସ୍କାନ୍ କରାଯାଇ ସାଧା କାଗଜରେ ହସ୍ତଖତ ନିଆଯାଉଥିବା ଅଭିଯୋଗ ହୋଇଛି। ଧାନ ଓଜନ ମାପବେଳେ ପ୍ୟାକ୍ସରେ ଥିବା ନକଲି ଓଜନ ଖାତାରେ ଧାନ ଓଜନ ମପାଯାଉଛି ଓ ପରେ ଅଫିସର ଅସିଲି ଓଜନ ଖାତାରେ ଇଚ୍ଛାନୁଯାୟୀ ଧାନ ପରିମାଣ ଲେଖାଯାଉଥିବା ଉଲ୍ଲେଖ କରାଯାଇଛି। ଏହି ନକଲି ଓ ଅସଲି ରେଜିଷ୍ଟର ଜବତ୍ କରାଗଲେ ପ୍ୟାକ୍ସରେ ଧାନକିଣା ଅନିୟମିତତା ସାମ୍ନାକୁ ଆସିବ ବୋଲି ଚାଷୀମାନେ ଲିଖିତ ଅନୁରୋଧ କରିଛନ୍ତି। ଧାନମଣ୍ଡିରେ ଓଜନ ପରେ ଯେଉଁ ତଥ୍ୟ ଚାଷୀଙ୍କୁ ଦିଆଯିବା କଥା ତାହା ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଗତ ୨୬ ତାରିଖ ଦିନ ପ୍ୟାକ୍ସରୁ ଟ୍ରକ୍‌ଯୋଗେ ଧାନଚାଲାଣ ବେଳେ ଚାଷୀମାନେ ଧରିଥିଲେ। ପ୍ରଶାସନ ନଜରକୁ ଆସୁଥିଲେ ମଧ କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଚାଷୀମାନେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି।

## ଧାନ କିଣାରେ କଟନି ଛଟନିକୁ ନେଇ ଅସନ୍ତୋଷ

**ବୌଦ୍ଧ,୩୦।୧(ସ୍ୱ.ପ୍ର.)**

**ବୌଦ୍ଧ ଜିଲା**

- ୧୦ ଲକ୍ଷ ୩୮ ହଜାର ୨୬୬ କୁଇଣ୍ଟାଲ ଖରିଫ ଧାନ ସଂଗ୍ରହ

ବୌଦ୍ଧ ଜିଲାର ପ୍ରାୟ ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି । କିନ୍ତୁ ସବୁବେଳେ ଏଠାକାର ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ଜିଲାରେ ଖରିଫ ଧାନ ସଂଗ୍ରହ ଗତ ନଭେମ୍ବର ୨୫ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି । ଧାନରେ ଆର୍ଦ୍ରତା ଥିବା ନାମରେ କଟନି ଛଟନି କରି ଚାଷୀଙ୍କୁ ହଇରାଣ କରାଯିବା ସହିତ କୁଇଣ୍ଟାଲ ପିଛା ୨ରୁ ୩ କେଜି ଧାନ କଟାଯାଉଛି । ସେପଟେ ମଣ୍ଡିରୁ ଠିକ ସମୟରେ ଧାନ ନ ଉଠିବା ଯୋଗୁ ଚାଷୀମାନେ ହଜାର ହଜାର ଧାନ ବସ୍ତା ଗଦା କରି ବିକ୍ରି ପାଇଁ ଶୀତ କାକରରେ ଜଗି ରହୁଛନ୍ତି । ଏବେ ପାଗ ମେଘୁଆ କରିଥିବାରୁ ଚାଷୀଙ୍କ ଚିନ୍ତା ବଢିଛି । ଟୋକନ ପାଇଥିବା ଚାଷୀ ଧାନ ବିକ୍ରି କରି ପାରୁ ନ ଥିବା ବେଳେ ଦଲାଲ ବିଭିନ୍ନ ଉପାୟରେ ମଣ୍ଡିରେ ଧାନ ବିକ୍ରି କରୁଛନ୍ତି । ଗତ ନଭେମ୍ବର ୬ ତାରିଖରେ ଅନୁଷ୍ଠିତ ହୋଇଥିବା ଧାନ କ୍ରୟ ବୈଠକରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ମଣ୍ଡିରେ କଟ୍‌ନି ଛଟନି ଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ବିଧାୟକ ଓ ଚାଷୀ ପ୍ରତିନିଧି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଚାଷୀମାନଙ୍କୁ ହଇରାଣ ହରକତ ନ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ତାଗିଦା କରିଥିଲେ। ଏଥିସହିତ ଧାନ କ୍ରୟକେନ୍ଦ୍ରରେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଚାଷୀ ମଣ୍ଡିରେ ଧାନ ନ ବିକି ବାହାରେ ବିକ୍ରି କରି ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି।

## ସଂକ୍ଷେପରେ

### ପ୍ରତିଜ୍ଞା ସେବା ସଙ୍ଗଠନର ବାର୍ଷିକ ଉତ୍ସବ

**ଲୋଇସିଂହା,୩୦।୧(ଡି.ଏନ.ଏ):** ବଲାଙ୍ଗୀର ଲୋଇସିଂହା ବ୍ଲକ ବୁର୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ପ୍ରତିଜ୍ଞା ସେବା ସଂଗଠନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାନେତ୍ରୀ ବନୀତା ପଧାନ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ଯୁବନେତା ସୁଦୀପ କୁମାର ସା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୌଣସି ଉଦ୍ଦେଶ୍ୟ ନରଖି ନିଷ୍ପାପର ଭାବେ କାମ କଲେ ଲକ୍ଷ୍ୟ ହାସଲ ହୋଇ ପାରିବ ଓ ସମାଜରେ ଉନ୍ନତି ଘଟିବ ବୋଲି ବିଧାୟକ ମହଲିଙ୍ଗ କହିଥିଲେ । ନିକଟରେ ଲୋଇସିଂହା ଅଞ୍ଚଳରୁ ସିଆଇଏସଏଫରେ ନିଯୁକ୍ତି ପାଇଥିବା ବୁର୍ଡା ଗ୍ରାମର ଯୁବତୀ ମୀରା ମହାକୁରଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା । ପରେ ଶିଶୁମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବୁର୍ଡାଠାରେ ଅନୁଷ୍ଠାନର ସ୍ଥାୟୀ ଗୃହ ପାଇଁ ଭୂମିପୂଜନ କରାଯାଇଥିଲା।

### ଓଡ଼ିଆ ବଣିକ ସଂଘର ନୂତନ କର୍ମକର୍ତ୍ତା

**ଲାଠୋର, ୩୦।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବଙ୍ଗଳାଠାରେ ପୂର୍ବତନ ସଭାପତି ରମାକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ବଣିକ ସଂଘର ବାର୍ଷିକ ବୈଠକ ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସମ୍ପାଦକ ପ୍ରଶାନ୍ତ କୁମାର ବହିଦାର ଆୟବ୍ୟୟ ବିବରଣୀ ରଖିଥିଲେ। ପରେ ତୃଣମୂଳସ୍ତରରୁ ସଂଘକୁ କିପରି ସୁଦୃଢ କରାଯାଇ ପାରିବ ସେ ଦିଗରେ ଉପସ୍ଥିତ ସଦସ୍ୟମାନଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା। ଉପସ୍ଥିତ ସଦସ୍ୟମାନଙ୍କ ସହମତିକ୍ରମେ ସଭାପତି ସୁଶାନ୍ତ କୁମାର ମେହେର, ଉପସଭାପତି ଜିସ୍ନୁନ୍ତ କୁମାର ମେହେର, ସମ୍ପାଦକ ପ୍ରଶାନ୍ତ କୁମାର ବହିଦାର, ସହସମ୍ପାଦକ ଦୟା ସାଗର ମେହେର, କୋଷାଧକ୍ଷଭାବେ ଅନିରୁଦ୍ଧ ମେହେରଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ୬ ଜଣଙ୍କୁ ରଖାଯାଇଛି। ସଭା ପରିଚାଳନା ସୀତା ମେହେର, ହରି ଧନ୍ୟବାଦ ଅର୍ପଣ କରିଥିଲେ।

### ନିଧି ସଂଗ୍ରହ ଅଭିଯାନ

**ଅମରପାଲି,୩୦।୧(ଡି.ଏନ.ଏ.):** ଅଯୋଧାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ବୀରମହାରାଜପୁର ବ୍ଲକ ସୁବଳୟାରେ ନିଧି ସଂଗ୍ରହ ଅଭିଯାନ ଆରମ୍ଭ ହୋଇଯାଇଛି। ସ୍ଥାନୀୟ ମାଉସୀ ମା' ମନ୍ଦିରଠାରୁ ବୌଦିଆପଡା, କୁମ୍ଭାରପଡା ଓ ବଡଦାଣ୍ଡ ଦେଇ ଶ୍ରଦ୍ଧାଳୁମାନେ ନିଧି ସଂଗ୍ରହ କରିଥିଲେ। ସୁବଲୟା ପଞ୍ଚାୟତର କୋଷାଧକ୍ଷ ଜଗନ୍ନାଥ ନାଏକ, ବିଭୂତି ଭୂଷଣ କୁଦେଇ, ଦିଲୀପ ମେହେର, ସନ୍ତୋଷ ପୂଜାହାରୀ, ମହେନ୍ଦ୍ର ମହାଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱବିଜୟିନୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା



ବିଶ୍ୱ ବିଜୟିନୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

**ସୋନପୁର,୩୦।୧(ନି.ପ୍ର.)**

ନେପାଳରେ ଆସନ୍ତା ଜୁଲାଇ ମାସରେ ଆୟୋଜିତ ହେବାକୁ ଥିବା ଆନୁଏଲ ଇଣ୍ଟରନ୍ୟାଶନାଲ କିଡ୍ ଓ ଟିନ୍ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ୨୦୨୧ରେ ଭାଗ ନେବା ପାଇଁ ସୋନପୁର ସହର ପଟାଭାଡିର ତରୁଣ ମିଶ୍ର ଓ ତୃଷ୍ଣାସାଗରୀ ମିଶ୍ରଙ୍କ ଝିଅ ବିଶ୍ୱବିଜୟିନୀ ମିଶ୍ର(୧୧) ମନୋନୀତ ହୋଇଛନ୍ତି। ଗ୍ଲୋବାଲ ବିଉଟି ଆନ୍ତର୍ଜାତୀୟ ସଂଗଠନ ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ଅନଲାଇନ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ବିଜୟୀ ହୋଇ ବିଶ୍ୱ ବିଜୟିନୀ ନେପାଳରେ ହେବାକୁ ଥିବା ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏ ନେଇ ସ୍ଥାନୀୟ ଏକ ହୋଟେଲରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ତଥା ବରିଷ୍ଠ ସିନେ ଅଭିନେତା ଅଟଳ ବିହାରୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ବିଜୟିନୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସମ୍ମାନିତ ଅତିଥିଭାବେ ପିଡି ଡିଆରଡିଏ ଡୋଳାମଣି ପଟେଲ, ନାଟ୍ୟଶ୍ରୀ ଗଦାଧର ବାରିକ୍, ଅଧାପିକା ଡ. ଇତିଶ୍ରୀ ଦାସ, ଗୋବିନ୍ଦ ଦାସ, ସୁରଥ ମିଶ୍ର, ଶାଶ୍ୱତ ତ୍ରିପାଠୀ ଓ କିଡ୍ସ ଇଂଲିଶ ମିଡିୟମ ସ୍କୁଲର ଅଧକ୍ଷ ଟି.କେ. ଜୋସେଫ୍ ପ୍ରମୁଖ ଯୋଗଦେଇ ବିଶ୍ୱବିଜୟିନୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର

### ଡଙ୍ଗା ବୁଡି ବାପପୁଅଙ୍କ ମୃତ୍ୟୁ ଘଟଣା

**ବିନିକା,୩୦।୧(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ନିକଟ ମହାନଦୀରେ ଶୁକ୍ରବାର ସନ୍ଧ୍ୟାରେ ଡଙ୍ଗାବୁଡି ଶ୍ରୀରାମ ନଗରର ବାପ, ପୁଅଙ୍କର ମୃତ୍ୟୁ ଘଟିଥିଲା। ସେମାନେ ହେଲେ ତରଭାର ସୁଲେମାନ ଖାନ(୪୫) ଓ ତାଙ୍କ ୭ବର୍ଷର ପୁଅ ଆଜଲାଣ୍ଡ। ଶନିବାର ବିନିକା ସିଏଚ୍‌ସିରେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବିନିକା ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବିନିକା ଥାନା ଆଇଆଇସି ନିରଞ୍ଜନ ଦାଶ କହିଛନ୍ତି। ଅପରାହ୍ନରେ ଉଭୟଙ୍କର ଶେଷକ୍ରିୟା ସମ୍ପନ୍ନ ହୋଇଛି। ଉପଜିଲାପାଳ ନିହାର ରଞ୍ଜନ କହଁରଙ୍କ ନିର୍ଦ୍ଦେଶକ୍ରମେ ବିନିକା ଏବିଡିଓ ନିରଞ୍ଜନ ନାଏକ ଓ ସାମାଜିକ ସୁରକ୍ଷା ଅଧିକାରୀ ଅଶ୍ୱିନୀ ପାଣ୍ଡେ ମୃତକଙ୍କର ପରିବାର ଲୋକଙ୍କୁ ରେଡକ୍ରସରୁ ୧୬ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରିଛନ୍ତି।

## ହରଭଙ୍ଗା ବ୍ଲକରେ ଖୋଲିଲା ନୂତନ ଜେଏମ୍ଏଫ୍‌ସି କୋର୍ଟ

**ବୌଦ୍ଧ/ପୁରୁଣାକଟକ, ୩୦।୧ (ସ୍ୱ.ପ୍ର./ଡି.ଏନ.ଏ.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ଠାରେ ନୂତନ ଜେଏମଏଫସି କୋର୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏସ.ମୁରଲୀଧର ମୁଖ୍ୟଅତିଥି ଭାବେ ଯୋଗଦେଇ କୋର୍ଟର ଉଦ୍‌ଘାଟନ କରିଥିଲେ । ଜିଲା ଦୌରାଜଜ୍ ଅରବିନ୍ଦ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଲୋକାର୍ପଣ ଉତ୍ସବ ଅବସରରେ ମୁଖ୍ୟଅତିଥି ମୁରଲୀଧର କହିଥିଲେ ଯେ, ଏହି ନ୍ୟାୟଳୟ ଅବହେଳିତ ଓ ଗରିବ ଲୋକଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିବାରେ ସହାୟକ ହେବ । ସମ୍ମାନିତ ଅତିଥି ଭାବରେ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତି ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଯୋଗଦେଇ କୋର୍ଟ ସ୍ଥାପନ ଦ୍ୱାରା ଲୋକମାନେ ନ୍ୟାୟ ସୁବିଧାରେ ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଚାରପତି ସୁଶ୍ରୀ ସାବିତ୍ରୀ ରଥ ଯୋଗଦେଇ ଏଣିକି ଜନସାଧାରଣ ସହଜରେ ଆଇନର ସେବା ପାଇପାରିବେ ବୋଲି ପ୍ରକାଶ କରିଥିଲେ। ହରଭଙ୍ଗା ଓକିଲ ସଂଘର ସଭାପତି ଅକ୍ଷୟ କୁମାର ସାହୁ କୋର୍ଟ ଖୋଲିବା ନେଇ ବୌଦ୍ଧ ଜିଲାର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓଙ୍କ ସମେତ ଜିଲାର ବିଚାର ବିଭାଗର ଅଧିକାରୀ, ଜିଲା ଓକିଲ ସଂଘର କର୍ମକର୍ତ୍ତା ଓ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଶେଷରେ ହରଭଙ୍ଗା ଓକିଲ ସଂଘର ଉପସଭାପତି ବିଶ୍ୱଜିତ୍ ମିଶ୍ର ଧନ୍ୟବାଦ ଦେଇଥିଲେ।



ନୂତନ କୋର୍ଟ ଉଦ୍‌ଘାଟନ ଅବସରରେ ଯୋଗ ଦେଇଥିବା ଅତିଥି ବୃନ୍ଦ ।

# ଖେଳ ଖବର

## କ୍ରିକେଟ ଟୁର୍ନାମେଣ୍ଟ: ଦେଓଗାଁକୁ ଟାଇଟଲ

**ଦେଓଗାଁ, ୩୦।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉଡାର ଜଗନ୍ନାଥ ଖେଳପଡିଆରେ ଶନିବାର ଏକଦିବସୀୟ ଗୋଲଡେନ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ଓ ଉଡାର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଦେଓଗାଁ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଶିବ ଛତ୍ରିଆ ଓ ସୁବାଷ ପଧାନ ଖେଳ ପରିଚାଳନା କରିଥିଲେ। ବୀରେନ୍ଦ୍ର ସୁନାଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଶିକ୍ଷାବିତ୍ ପ୍ରଦୀପ କୁମାର ଛତ୍ରିଆ, ପରମାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ।

## ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ

**ପାଇକମାଲ, ୩୦।୧ (ଡି.ଏନ.ଏ)**

ପାଇକମାଲ ବ୍ଲକ ବାଦିକଟା ଗ୍ରାମପଞ୍ଚାୟତ ଅଧୀନ ସାପଲହର ଗାନ୍ଧୀନଗର ଖେଳ ପଡିଆରେ ଭଲିବଲ ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଛି। ଉଦଘାଟନୀ ଉତ୍ସବରେ ଅରୁଣ ପ୍ରଧାନ, ଦୀପକ ପ୍ରଧାନ, ସୁବ୍ରତ କୁମାର ମେହେର, ପବିତ୍ର ମୋହନ ପ୍ରଧାନ, ପୁରନ୍ଦର ପ୍ରଧାନ, ବିଷ୍ଣୁ ପ୍ରଧାନ, ଲାଲବିହାରୀ ବଢ଼େଇ, ନାରାୟଣ ପ୍ରଧାନ, ବିପିନ ପ୍ରଧାନ, ମୋତିଲାଲ ବାରିକ, ରଥୁ ସାହୁ, ପ୍ରହଲ୍ଲାଦ ବାରିକ, କ୍ଷିତି ସାହୁ ଓ ପୃଥି ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଅରୁଣ ପ୍ରଧାନ ଖେଳ ପତାକା ଉତ୍ତୋଳନ କରିଥିବା ବେଳେ ପୂଜାର୍ଚ୍ଚନା କରିଥିଲେ ଦୀପକ ପ୍ରଧାନ। ଏହି ଟୁର୍ନାମେଣ୍ଟରେ ୨୪ଟି ଦଳ ଭାଗ ନେଇଛନ୍ତି। ରବିବାର ଫାଇନାଲ ମ୍ୟାଚ୍ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ ପ୍ରିୟବ୍ରତ ମେହେର, ରଙ୍କୁଣ ସରାଫ, ସୁନୀଲ ପ୍ରଧାନ କହିଛନ୍ତି ।

## ବଜରଙ୍ଗବାଲି କ୍ରିକେଟ: ବଡ଼ମାଲ ଚାମ୍ପିୟନ

**ଅମରପାଲି, ୩୦।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଗୌଡଗାଡ ଗ୍ରାମରେ ଚାଲିଥିବା ବଜରଙ୍ଗବାଲି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହରିଣାପାଲିକୁ ହରାଇ ବଡମାଲ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନିଟି ଫର୍ମାଟରେ ଖେଳା ହୋଇଥିଲା। ପ୍ରଥମ ଫର୍ମାଟରେ ହରିଣାପାଲି ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଫର୍ମାଟରେ ବଡମାଲ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଦୁର୍ଜନଟେଲା ସରପଞ୍ଚ ରଞ୍ଜିତ ଖେତୀ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ବ୍ଲକ ଯୁବ ବିଜେଡି ସଭାପତି ନାରାୟଣ ଲୁହା, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ଦନ୍ତା, କ୍ରୀଡାବିତ୍ ଶରଦ ଚନ୍ଦ୍ର ବସ୍ତିଆ, ଶ୍ରୀନିବାସ ସାହୁ, ମଧୁ ସାହୁ, କୈଳାଶ ଦେହେରୀ, ବାବୁଲା ବସ୍ତିଆ, ବିରୋଜ ଭୋଇ, ଅରୁଣ ରାଏ ସମ୍ମାନୀତ ଅତିଥିଭାବେ ଯୋଗଦେଇଥଇଲେ। ବଡମାଳର ରାଜାଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ, କପିଳଙ୍କୁ ସିରିଜ ଭାବେ ପୁରସ୍କୃତ କରିବା ସହିତ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା।


ଟ୍ରଫି ଓ ଅତିଥିଙ୍କ ସହ ଚାମ୍ପିୟନ ବଡମାଳ ଦଳ ।

## ଭଲିବଲ ଟୁର୍ନାମେଣ୍ଟ: ଦେଓଗାଁ ଚାମ୍ପିୟନ

**ଦେଓଗାଁ, ୩୦।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ନେହେରୁ ଖେଳପଡିଆରେ ଶନିବାର ଏଦଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜବାହାର ସାଂସ୍କୃତିକ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଦେଓଗାଁ ଓ ଘୁନସର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଓଗାଁ ବିଜୟୀ ହୋଇ ଟାଇଟଲ ହାସଲ କରିଥିଲେ। ଜବାହାର ସାଂସ୍କୃତିକ ଯୁବକ ସଂଘ ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେଓଗାଁ ସମିତି ସଭ୍ୟ ଜନ୍ମେଜୟ ସାହ. ସମ୍ମାନୀତ ଅତିଥି ସ୍ଥାନୀୟ ସରପଞ୍ଚ ନୀନା ଛତ୍ରୀଆ, ଯୁବକ ସଂଘ ସଭାପତି ବିଶ୍ୱଜିତ ପାତ୍ର, ଜିଲା ଆଥେଲେଟିକ ଆସୋସିଏଶନର ଭଲିବଲ ଦାୟିତ୍ୱରେ ଥିବା ପ୍ରଶାନ୍ତ ପଟ୍ଟନାୟକ, ଗଙ୍ଗା ରଣା ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ।



ଚାମ୍ପିୟନ ଦେଓଗାଁ ଦଳକୁ ପୁରସ୍କୃତ କରାଯାଉଛି ।

## ଭୈରବୀ କପ୍ କ୍ରିକେଟ: ସର୍ଗିପାଲି ଚାମ୍ପିୟନ, ଲଛିମାଲ ରନର୍ସ ଅପ୍



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

**ଖପ୍ରାଖୋଲ, ୩୦।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲାଠାରେ ଚାଲିଥିବା ଭୈରବୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ସର୍ଗିପାଲି ଓ ଲଛିମାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସର୍ଗିପାଲି ଦଳ ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୮ ଉଇକେଟ ହରାଇ ୧୨୨ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଲଛିମାଲ ଦଳ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୮୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଯାହା ଫଳରେ ସର୍ଗିପାଲି ଦଳ ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କ୍ରିକେଟ କ୍ଲବ୍ ସଭାପତି ଜ୍ୟୋତି ରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ନାନ୍ଦୁପଲା ସରପଞ୍ଚ ସୁରେଶ ପୂଝାରୀ, ସମ୍ମାନିତ ଅତିଥି ତୁର୍ଲା ଗାଁର ୱାର୍ଡସଭ୍ୟ ସୁବନ ଶବର, ପୂର୍ବତନ କ୍ରିକେଟ କ୍ଲବ୍ ସଭାପତି ସଞ୍ଜୟ ପାଣିଗ୍ରାହୀ, ମଣିଲାଲ ଛତର ଯୋଗଦେଇଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୧୧୧୧ ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ୬୬୬୬ ଟଙ୍କା ପ୍ରଦାନ କରିଥିଲେ ।

## ଘନ କୁହୁଡ଼ି, ଜନଜୀବନ ଅସ୍ତବ୍ୟସ୍ତ

କିର୍ମିରା (ଡି.ଏନ.ଏ.): ଝାରସୁଗୁଡା ଜିଲା କିର୍ମିରା ବ୍ଲକ ଅଞ୍ଚଳରେ ଶନିବାର ଘନ କୁହୁଡି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ବ୍ଲକ ଅନ୍ତର୍ଗତ ଭାମଯୋର, ସୁଲାହି, ବନ୍ଧପାଲି, ଅର୍ଡା, ନକ୍ସାପାଲି, ଝାରମୁଣ୍ଡା ପଞ୍ଚାୟତରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଶୁକ୍ରବାର ସକାଳରୁ ସୂର୍ଯ୍ୟକିରଣ ଦେଖିବାକୁ ମିଳିଥିବା ବେଳେ ପରେ ଝିପି ଝିପି ବର୍ଷା ଆରମ୍ଭ ହୋଇଥିଲା। ସନ୍ଧ୍ୟା ସମୟରୁ କୁହୁଡି ଦେଖାଯାଇ ଶନିବାର ସକାଳ ୮ଟା ପର୍ଯ୍ୟନ୍ତ ଲାଗିରହିଥିଲା। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ମଧ୍ୟାହ୍ନଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଥଣ୍ଡାର ପ୍ରକୋପ ଲାଗିରହିଥିଲା।

# ସଞ୍ଜ ନଇଁଲେ ଦନ୍ତା ଭୟ

ସମ୍ବଲପୁର,୩୦।୧(ବ୍ୟୁରୋ)

**ସମ୍ବଲପୁର ରେଞ୍ଜ୍**
- ଘର ଭିତରେ ଶୁଣ୍ଢ ପୂରାଇବା ଭିଡିଓ ଭାଇରାଲ
- ଡନ୍ ନାମରେ ଡାକୁଛନ୍ତି ଲୋକେ

ସମ୍ବଲପୁର ସଦର ରେଞ୍ଜ ଅଧୀନ ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି। ସଞ୍ଜ ନଇଁଲେ ଲୋକଙ୍କୁ ଦନ୍ତା ଭୟ ଘାରିଛି। ତେଣୁ ଯିଏ ଯୁଆଡେ ଯାଉଛନ୍ତି ସନ୍ଧ୍ୟା ପୂର୍ବରୁ ଘରକୁ ଫେରିବାକୁ ଚେଷ୍ଟା କରୁଛନ୍ତି। ବନ ବିଭାଗ ଓ ଗ୍ରାମବାସୀ ହାତୀ ଘଉଡାଇବାକୁ ଚେଷ୍ଟା କରୁଥିଲେ ମଧ ସୁଫଳ ମିଳୁନାହିଁ। ଦନ୍ତା ଗାଁ ମଧକୁ ଆସି ଘରଦ୍ୱାର ଭାଙ୍ଗିବା ସହ ଧାନ, ଚାଉଳ ଖାଇ ଚାଲିଯାଉଛି। ହେଲେ କୌଣସି ଲୋକଙ୍କୁ ଆକ୍ରମଣ କରୁ ନ ଥିବା ସ୍ଥାନୀୟ ଅଦିବାସୀ କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ମୁଣ୍ଡେର ଓ ବ୍ରାହ୍ମଣୀପାଲି ଗ୍ରାମକୁ ଦନ୍ତା ପଶିଆସିଥିଲା। ହାତୀଟି ମୁଣ୍ଡେର ଗ୍ରାମର ଜଣେ ବୃଦ୍ଧାଙ୍କ ଘର ଓ ଏକ ଘରୋଇ କମ୍ପାନୀର ଅଫିସ ଝରକା ଭାଙ୍ଗି ଦେଇଥିଲା। ପରେ ଝରକା ପଟେ ଶୁଣ୍ଢ ପୂରାଇ ଖାଦ୍ୟ ଅନ୍ୱେଷଣ କରୁଥିବା ଭିଡଓ ଏବେ ଭାଇରାଲ ହୋଇଛି। ଘର ମାଲିକ ଏହି ସମୟର ଭିଡିଓ ଉତ୍ତୋଳନ କରିଥିବାରୁ ତାଙ୍କ ସାହସିକତା ନେଇ ଚର୍ଚ୍ଚା ଚାଲିଛି।



ଭାଇରାଲ ଭିଡିଓରେ ହାତୀ ଘର ଭିତରକୁ ଶୁଣ୍ଢ ପୂରାଇଥିବା ଦୃଶ୍ୟ।

ଏ ସମ୍ପର୍କରେ ସଦର ରେଞ୍ଜର ଗୌରୀ ଦାସ କହିଛନ୍ତି, ଦନ୍ତାକୁ ଟ୍ରାକ କରିବା ପାଇଁ ହାତୀ ଟ୍ରେକର, ବନ କର୍ମଚାରୀ ମୋଟ ୨୨ ଜଣ ନିୟୋଜିତ ଅଛନ୍ତି। ହାତୀପଲରୁ ଦନ୍ତା ଅଲଗା ହୋଇ ଗାଁ ମୁହାଁ ହେଉଛି। ତା'ର ଗତିବିଧିକୁ ଲକ୍ଷ୍ୟକରି ପୂର୍ବରୁ ଗ୍ରାମବାସୀଙ୍କୁ ସୂଚନା ଦିଆଯାଉଛି। ଖାଦ୍ୟ ମିଳିବା ଆଶାରେ ହାତୀଟି ଲୋକଙ୍କ ଘର ଭାଙ୍ଗି ଦେଉଛି। ଯେଉଁମାନଙ୍କର କ୍ଷତି ହେଉଛି ସେମାନଙ୍କୁ କ୍ଷତିପୂରଣ ଦେବା ବ୍ୟବସ୍ଥା କରାଯାଉଛି। ଏହି ଦନ୍ତାକୁ ଅଞ୍ଚଳର ଲୋକେ ଡନ୍ ନାମରେ ଡାକୁଛନ୍ତି।

## ସଂକ୍ଷେପରେ

### ମୋତିଝରଣରେ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୩୦।୧(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମର ମୋତିଝରଣଠାରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଡା. ନିକି ଅଗ୍ରୱାଲ, ସ୍ୱାସ୍ଥ୍ୟକର୍ମୀ ସରୋଜ କୁମାର ଧଳ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶଙ୍କର ଅଗ୍ରୱାଲ, ମହମ୍ମଦ ୟୁସୁବ, ରାଜୀବ ମିଶ୍ର, ହାଇଦର୍ ଅଲ୍ଲୀ, ଇକବାଲ କାଦିର, ମହମ୍ମଦ ନୱାବ ରୋଗୀମାନଙ୍କୁ ଔଷଧ ବଣ୍ଟନ କରିଥିଲେ। ଆୟୋଜକ ସ୍ୱାଧୀନ ଫାଉଣ୍ଡେଶନର ତୃପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପର୍ଯ୍ୟଟକଙ୍କ ପାଇଁ ବସ୍ ସେବା ଆଜିଠାରୁ

ସମ୍ବଲପୁର,୩୦।୧(ବ୍ୟୁରୋ): ସମ୍ବଲପୁର ଜିଲାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଓଟିଡିସି ପକ୍ଷରୁ ବସ୍ ସୁବିଧା ହେବ। ରବିବାର ସମଲେଇ ମନ୍ଦିର ପରିସରରେ ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବାକୁ ସ୍ଥିର ହୋଇଛି। ମିଳିଥିବା ରିପୋର୍ଟ ଅନୁସାରେ ବସ୍‌ଟି ୨୬ ସିଟ୍ ବିଶିଷ୍ଟ ରହିଛି। ପ୍ରତି ରବିବାର ସକାଳେ ଏହା ପାନ୍ଥ ନିବାସରୁ ପର୍ଯ୍ୟଟକଙ୍କୁ ନେଇ ଗାନ୍ଧୀ ମିନାର ଓ ନେହେରୁ ମିନାର ଯିବା ପରେ ଜିରୋ ପଏଣ୍ଟ ଓ ଡେବରୀଗଡ ଅଭୟାରଣ୍ୟର ମୁଖ୍ୟ ଗେଟ୍ ପର୍ଯ୍ୟନ୍ତ ଯିବ। ଯଦି ପର୍ଯ୍ୟଟକମାନେ ଅଭୟାରଣ୍ୟ ଭିତରକୁ ଯିବାକୁ ଚାହିଁବେ ତା'ହେଲେ ସଫାରି ଗାଡିରେ ଯାଇପାରିବେ। ସେଠାରୁ ଫେରିବା ପରେ ଘଣ୍ଟେଶ୍ୱରୀ ମନ୍ଦିର ଯିବାକୁ ସ୍ଥିର ହୋଇଛି। ପରବର୍ତ୍ତୀ ସମୟରେ ପର୍ଯ୍ୟଟକଙ୍କ ଦାବି ଓ ସମୟକୁ ଦେଖି ସମ୍ପ୍ରସାରଣ କରାଯାଇପାରେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ତହସିଲଦାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲଖନପୁର,୩୦।୧(ଡି.ଏନ୍.ଏ.): ଝାରସୁଗୁଡା ଜିଲା କୁଲାବିରା ତହସିଲଦାର ଗୋଲଖ ବିହାରୀ ମଙ୍ଗରାଜଙ୍କୁ ଜିଲା ପ୍ରଶାସନ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ସଭାରେ ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ତହସିଲଦାର ମଙ୍ଗରାଜଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଲିଲି କୁମାରୀ କୁଲୁ, ଡିଆର୍‌ଡିଏ ପିଡି ତପିରାମ ମାଝି, ଉପଜିଲାପାଳ ଶିବ ଟପ୍ପୋ, ବିଡିଓ ପ୍ରସନ୍ନ ପାଣ୍ଡେ, ଝାରସୁଗୁଡା ତହସିଲଦାର ଦିଲୀପ ପ୍ରଧାନ, ଡେପୁଟି କଲେକ୍ଟର ଗୀତିକା ନାୟକ ଉପସ୍ଥିତ ରହି ମଙ୍ଗରାଜଙ୍କ କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ ଆଲୋକପାତ କରିଥିଲେ।



ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

## ରେଳ ଆନ୍ଦୋଳନରେ ନାଗରିକ କମିଟି ସହ ମିଶିବ ବିଜେଡି

ବ୍ରଜରାଜନଗର, ୩୦।୧ (ଡି.ଏନ.ଏ.)

ଭାରତୀୟ ରେଲୱେର ବିଳାସପୁର ଡିଭିଜନ ଅଧୀନରେ ଥିବା ବ୍ରଜରାଜନଗର ରେଳ ଷ୍ଟେଶନ ପ୍ରତି ବୈମାତୃକ ମନୋଭାବକୁ ବିରୋଧ କରି ବ୍ରଜରାଜନଗର ନାଗରିକ କମିଟି ଗତ ୨୮ ତାରିଖରେ ବମ୍ବେ ହାୱଡା ମେନ୍ ଲାଇନ ଅବରୋଧ କରିଥିଲା। ଏଥିରେ ବିଜେଡି ସହ ଅନ୍ୟ ଦଳର ନେତାମାନେ ସାମିଲ ହୋଇ ଗିରଫ ହୋଇଥିଲେ। ଶନିବାର ବିଜେଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବ୍ରଜରାଜନଗର ବିଜେଡି ସଭାପତି ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ବରିଷ୍ଠ ନେତାମାନେ ଯୋଗଦେଇ ଆଗାମୀ ଦିନରେ ନାଗରିକ କମିଟି ସହ ମିଶି ରେଲୱେ ବିରୋଧରେ ଲଢ଼େଇ କରିବ ବୋଲି ଘୋଷଣା କରିଛି। ସୂଚନାଯୋଗ୍ୟ ପୂର୍ବରୁ କଳିଙ୍ଗ ଉତ୍କଳ ଏକ୍ସପ୍ରେସ ଟ୍ରେନ୍ ୧୦ ଗୋଟି ରାଜ୍ୟ ଦେଇ ୭୫ଟି ଷ୍ଟେଶନରେ ରହି ହରିଦ୍ୱାରରେ ପହଞ୍ଚୁଥିଲା। ଏବେ କୋଭିଡ୍ ଲାଗି ୧୬ ଗୋଟି ଷ୍ଟେଶନର ରହଣିକୁ କାଟି ଦିଆଯାଇଛି। ସେଥିରେ ବ୍ରଜରାଜନଗର ସହ ଓଡ଼ିଶାର ୭ ଷ୍ଟେଶନ ରହିଛି । ବ୍ରଜରାଜନଗର ଷ୍ଟେଶନରେ ଏହି ଟ୍ରେନ ପୁଣି ରହଣି ଦାବିରେ ନାଗରିକ କମିଟି ଆନ୍ଦୋଳନ ଚଳାଇଛି। ଖବରଦାତା ସମ୍ମିଳନୀରେ ଝାରସୁଗୁଡା ଜିଲା ଉପସଭାପତି ବିଶ୍ୱନାଥ ନାଏକ, ପୂର୍ବତନ ପୌରାଧକ୍ଷ ନନ୍ଦ କିଶୋର ଅଗ୍ରୱାଲ, ପୂର୍ବତନ ପୌର ଉପାଧକ୍ଷ ଜୟନ୍ତ ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ।

## ସଂସ୍କୃତି ଭବନରେ ପ୍ରତିମୂର୍ତ୍ତି ଅନାବରଣ

ଲଖନପୁର,୩୦।୧(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ସଂସ୍କୃତି ଭବନ ପରିସରରେ କବି ବିନୋଦ ଚନ୍ଦ୍ର ନାୟକଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଏହି ପ୍ରତିମୂର୍ତ୍ତିକୁ ଶୁକ୍ରବାର ମୁଖ୍ୟଅତିଥି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ନିରଞ୍ଜନ ସାହୁ ଅନାବରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସାମଲ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଧ୍ରୁବରାଜ ନାୟକ, ବେଦାନ୍ତ କମ୍ପାନୀର ସିଇଓ ସି.ଏନ୍ .ସିଂହ, ଜିଜି ପାଲ୍, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଡିଏଫ୍‌ଓ ଲଳିତ ପାତ୍ର, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଉପଜିଲାପାଳ ଶିବ ଟପୋ, ପିଡି (ଆର୍‌ଏନ୍‌ଆର୍) ଆଲୋମଣି ସେଠୀ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।



କବିଙ୍କ ପ୍ରତିମୂର୍ତ୍ତିକୁ ଅତିଥିମାନେ ଅନାବରଣ କରୁଛନ୍ତି।

## ଅସହାୟ ମହିଳାଙ୍କୁ ସହାୟତା

ସମ୍ବଲପୁର, ୩୦।୧ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଝରାପାଲିର ଜଣେ ଅସହାୟ ମହିଳାଙ୍କୁ ଶନିବାର ଉଦ୍ଧାର ଅନୁଷ୍ଠାନର ସଭ୍ୟମାନେ ସହାୟତା ପ୍ରଦାନ କରିଛନ୍ତି। ୩୫ ବର୍ଷୀୟା ସ୍ୱାମୀ ପରିତ୍ୟକ୍ତା ପଦ୍ମିନୀ ବେହେରା ଯକ୍ଷ୍ମା ରୋଗରେ ଆକ୍ରାନ୍ତ। ଗରିବ ହୋଇଥିବାରୁ ସେ ଭିକ୍ଷାବୃତ୍ତି କରି ଜୀବନ ବିତାଉଛନ୍ତି। ତାଙ୍କ ପାଖରେ ରାଶନ କାର୍ଡ ମଧ ନାହିଁ। ଉଦ୍ଧାର ସହସମ୍ପାଦିକା ଅନିତା ସାଙ୍କ ନେତୃତ୍ୱରେ ସଭ୍ୟମାନେ ପଦ୍ମିନୀଙ୍କୁ ଔଷଧ ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ରେଳବାଇ ନିରାପତ୍ତା କର୍ମଚାରୀ ପୁରସ୍କୃତ

ସମ୍ବଲପୁର, ୩୦।୧ (ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ ବିଦ୍ୟୁତ୍ ଓ ଇଞ୍ଜିନିୟରିଂ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ଶୁକ୍ରବାର ପୁରସ୍କୃତ କରାଯାଇଛି। ନିରାପତ୍ତା ରେଳ ଚଳାଚଳ ପ୍ରତି କର୍ତ୍ତବ୍ୟ ନିଷ୍ଠା ଲାଗି ସମ୍ବଲପୁର ଷ୍ଟେଶନରେ କାର୍ଯ୍ୟରତ ଲୋକପାଇଲଟ୍ ସୁମିତ କୁମାର ରାୟ ଓ ଡୁରେକେଲା ଷ୍ଟେଶନରେ କାର୍ଯ୍ୟରତ ଟ୍ରାକ ମ୍ୟାଣ୍ଟେନର୍ ନୌଲେଶ କୁମାରଙ୍କୁ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ନଗଦ ଅର୍ଥରାଶି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଛନ୍ତି। ଇଞ୍ଜିନିୟର ଜୟନ୍ତ କୁମାର ଖମାରୀ, ନିରାପତ୍ତା ଅଧିକାରୀ ସଞ୍ଜୟ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ।

## ଏନ୍‌ଏଲ୍‌ସି ଓ ଓଆଇଏସ୍‌ଏଫ୍ ମଧ୍ୟରେ ଏମ୍‌ଓୟୁ




ଏନ୍‌ଏଲ୍‌ସି କମ୍ପାନୀ ଓ ଓଆଇଏସ୍‌ଏଫ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ।

ସମ୍ବଲପୁର,୩୦।୧(ବ୍ୟୁରୋ)

ସମ୍ବଲପୁର ରେଙ୍ଗାଲିରେ ଥିବା ଏନ୍‌ଏଲସି କମ୍ପାନୀ ଓ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍‌ଏଫ୍) ମଧ୍ୟରେ ୩ବର୍ଷ ପାଇଁ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏବେ ଓଆଇଏସ୍‌ଫ୍ କୋଇଲା ଖଣିର ସୁରକ୍ଷା ଦାୟିତ୍ୱ ନେବ। ଏମ୍‌ଓୟୁ ସ୍ୱାକ୍ଷର ସମୟରେ ଏନ୍‌ଏଲସି ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ସୁମନ, ଓଆଇଏସ୍‌ଏଫ୍ କମାଣ୍ଡାଣ୍ଟ ସୁବାସ ଚନ୍ଦ୍ର ତ୍ରିପାଠୀ, ଅତିରିକ୍ତ ପୋଲିସ ଡିଜିଆର.ପି. କୋଚେ, ଡିଆଇଜି ଅରୁଣ କୁମାର, ଓଆଇଏସ୍‌ଏଫ୍‌ର ଟି.କେ. ପ୍ରଧାନ, ରୋହିତ ପାଣ୍ଡେ, ପି.ସି. ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆଇଏସ୍‌ଏଫ୍ ନିୟମ ୨୦୧୨ ଅନୁସାରେ ଏମ୍‌ଓୟୁ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ରେଳ ମଣ୍ଡଳ ଇଞ୍ଜିନିୟରିଂ ବିଭାଗର ସମୀକ୍ଷା

ସମ୍ବଲପୁର, ୩୦।୧ (ବ୍ୟୁରୋ)

**ସମ୍ବଲପୁର ରେଳ ମଣ୍ଡଳ**

ପୂର୍ବତଟ ରେଳବାଇ ସମ୍ବଲପୁର ମଣ୍ଡଳ ଇଞ୍ଜିନିୟରିଂ ବିଭାଗର ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ କୋଭିଡ୍-୧୯ ସମୟରେ ଟ୍ରେନ ଗୁଡିକର ସୁପରିଚାଳନା, ଇଞ୍ଜିନିୟରିଂ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଅଧିକାରୀ ଓ ବରିଷ୍ଠ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ଏତଦ୍ବ୍ୟତୀତ ରେଳ ଧାରଣାର ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ୍‌ଭିଏସ୍‌ଏସ୍ ପାତ୍ରୁଡୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଳ ଧାରଣାର ନିୟମିତ ଯାଞ୍ଚ ବିଷୟରେ ଆଲୋକପାତ କରିଥିଲେ। ବରିଷ୍ଠ ମଣ୍ଡଳ ଇଞ୍ଜିନିୟର (ସମନ୍ୱୟ) ଜୟନ୍ତ କୁମାର ଖମାରି, ବରିଷ୍ଠ ମଣ୍ଡଳ ଇଞ୍ଜିନିୟର (ପୂର୍ବ) ଅରୁଣ କୁମାର ମହାରଣା, ମଣ୍ଡଳ ଇଞ୍ଜିନିୟର (ପଶ୍ଚିମ) ପଙ୍କଜ କୁମାର ନାଗୱାନି, ମଣ୍ଡଳ ଇଞ୍ଜିନିୟର (ମଧ୍ୟ) ସରୋଜକାନ୍ତ ଦାଶ, ଦକ୍ଷିଣ ମଣ୍ଡଳ ଇଞ୍ଜିନିୟର ବି. ମିନାଙ୍କ ସମେତ ସହାୟକ ଯନ୍ତ୍ରୀ ଓ ବରିଷ୍ଠ କର୍ମଚାରୀ ଯୋଗଦେଇ ମତ ଉପସ୍ଥାପନ କରିଥିଲେ।



ଶହୀଦ ଦିବସ ସମାରୋହରେ ଅତିଥିମାନେ ନୀରବ ପ୍ରାର୍ଥନା କରୁଛନ୍ତି।

## ଝାରସୁଗୁଡ଼ାରେ ଜିଲାସ୍ତରୀୟ ଶହୀଦ ଦିବସ

ଲଖନପୁର,୩୦।୧(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ସର୍କିଟ୍ ହାଉସ୍ ସମ୍ମିଳନୀ ଗୃହରେ ଶନିବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଶହୀଦ୍ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲାପାଳ ସାମଲ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଲିଲି କୁମାରୀ କୁଲୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଆଲୋମଣି ସେଠୀ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ପିବି ବାଗେ, ଗୀତିକା ନାୟକ, ଯୋଗେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ରହି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ଶହୀଦ୍‌ଙ୍କ ସ୍ମୃତିଚାରଣ କରାଯାଇଥିଲା।

## ବରିଷ୍ଠ ନାଗରିକ ମହାସଂଘ ବୈଠକ

ସମ୍ବଲପୁର,୩୦।୧(ବ୍ୟୁରୋ)

ସମ୍ବଲପୁର ଗୋଶାଳା ନିକଟ ପତିତପାବନ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ମହାସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଟହଲୁ ସାହୁ ବୈଠକରେ ଅଧକ୍ଷତା କରିଥିଲେ। ସଦସ୍ୟ ପ୍ରଫୁଲ୍ଲ ହୋତା ଅତିଥି ପରିଚୟ ପ୍ରଦାନ ଏବଂ ମହାସଚିବ ପ୍ରହଲ୍ଲାଦ ମହପାତ୍ର ବିବରଣୀ ପାଠ କରିଥିଲେ। ମହାସଂଘର ସୁବିଧାଅସୁବିଧା ବିଷୟରେ ଆଲୋଚନା କରାଯାଇଥିଲା। ସଂଗଠନ ସମ୍ପାଦକ ଅମୂଲ୍ୟ କୁମାର ପତି, ବିକ୍ରମ ବହିଦାର, ନାରାୟଣ ରାୟଗୁରୁ, ଅମରେନ୍ଦ୍ର ଯାଦବ, ଡ. ନାରାୟଣ ମହାକୁଡ, ପ୍ରମୋଦ ଦାଶ, ଗୌରୀଶ୍ୟାମ ମିଶ୍ର, ଡ. ହିମାଂଶୁ ଗୁରୁ, ପ୍ରଫେସର ସାଧୁଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଖୁବ୍‌ଶୀଘ୍ର ଶେଷ ହେବ ହକି ଟର୍ଫ ନିର୍ମାଣ

ସୁନ୍ଦରଗଡ, ୩୦।୧ (ଡି.ଏନ.ଏ)

ହକିର ଗଡ ତଥା ହକିର ଏନ୍ତୁଡିଶାଳ କୁହାଯାଉଥିବା ସୁନ୍ଦରଗଡ ଜିଲାକୁ ରାଜ୍ୟ କ୍ରୀଡା, ଯୁବସେନା, ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ୩ ଦିନିଆ ମାରାଥନ ଗସ୍ତରେ ଆସି ଜିଲାର କ୍ରୀଡା ଭିତ୍ତିଭୂମି ଓ ଏହାର ବିକାଶ ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟର ଅନୁଧାନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ ଜିଲାକୁ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଲାଗି ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହା ଖୁବଶୀଘ୍ର ପୂରଣ ହେବ । ଏଥିସହ ଖୁବ ଶୀଘ୍ର ଜିଲାରେ ନିର୍ମାଣ ହେବାକୁ ଥିବା ସମସ୍ତ ୧୭ଟି ଟର୍ଫ ନିର୍ମାଣ କରାଯିବା ସହ ପିଲାମାନେ ଏକ ନିଆରା ଅନୁଭୂତି ନେଇପାରିବେ । ଆଉ ସାଧାରଣ ଘାସ ଗାଲିଚା ନୁହେଁ, ଆନ୍ତର୍ଜାତୀୟ ମାନର ଟର୍ଫରେ ଖେଳ ଅଭ୍ୟାସ କରିବେ । ଏହି ୩ ଦିନିଆ ମାରାଥନ ଗସ୍ତରେ ଶେଷ ଦିନରେ ଶନିବାର ମନ୍ତ୍ରୀ ସୁନ୍ଦରଗଡ ଜିଲାର ଟାଙ୍ଗରପାଲି ବ୍ଲକ ଷ୍ଟାଡିୟମ, ହେମଗିର ବ୍ଲକ ପଡିଆ, ଲେଫ୍ରିପଡା ଜୟରାମ ହାଇସ୍କୁଲ, ବାଲିଶଙ୍କରା ବ୍ଲକର ବାଳିକା ହାଇସ୍କୁଲ, ତିଲେକାନି କମ୍ୟୁନିଟି ପଡିଆ ଏବଂ ସବଡେଗା ବ୍ଲକର ଗାଇବିରା ମିଶନ ସ୍କୁଲ ପଡିଆ ବୁଲି ଦେଖିଥିଲେ । ମନ୍ତ୍ରୀ ବେହେରା ଜିଲାର ସମସ୍ତ ବ୍ଲକରେ ଚିହ୍ନଟ ହୋଇଥିବା ପଡିଆକୁ ଅନୁଧାନ କରିବା ସହ ଟର୍ଫ ନିର୍ମାଣ ଲାଗି ସମସ୍ତ ବ୍ୟବସ୍ଥା ବିଷୟରେ ଜିଲା ଏବଂ ବ୍ଲକର ବରିଷ୍ଠ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଟର୍ଫ ନିର୍ମାଣ ସହ ଚେଞ୍ଜିଂ ରୁମ, ଜିମ, ଶୌଚାଳୟ, କାର୍ଯ୍ୟାଳୟ, ପାର୍କିଂ ସ୍ଥଳ ନିର୍ମାଣ, ସାଧାରଣ କ୍ରୀଡା ଉତ୍ସବ ନିମନ୍ତେ ମଣ୍ଡପ ନିର୍ମାଣ କରିଥିଲେ । ଏଥି ସହିତ ହକି ଟର୍ଫ ନିର୍ମାଣ ନେଇ ଜିଲାରେ କ୍ରୀଡାବିତମାନଙ୍କ ଠାରୁ ଆରମ୍ଭ କରି ସାଧାରଣଜନତା ଏବଂ ସରକାରୀ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଜିଲା ପର୍ଯ୍ୟବେକ୍ଷକ ସୁକିନ୍ଦା ବିଧାୟକ ପ୍ରିତିରଞ୍ଜନ ଘଡାଇ, ଜିଲା ଉନ୍ନୟନ ବୋର୍ଡ ଅଧକ୍ଷ ତଥା ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ସୁନ୍ଦରଗଡ ଉନ୍ନୟନ ପରିଷଦର ଅଧକ୍ଷ ବିନୟ ଟପ୍ପୋ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ଜିଲା ପରିଷଦ ଅଧକ୍ଷା ଏମ୍ମା ଏକ୍କା, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ବାଲିଶଙ୍କରା ବିଡିଓ ବାସନ୍ତୀ ଲାକ୍ରା, ବୈକୁଣ୍ଠ ନାଏକ, ଦେବେନ୍ଦ୍ର ମାଝୀ, ରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲାସ୍ତରୀୟ କ୍ୟାଚ୍ ଦ ରେନ୍ କାର୍ଯ୍ୟକ୍ରମ

ସମ୍ବଲପୁର, ୩୦।୧ (ବ୍ୟୁରୋ)

ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ କ୍ୟାଚ୍ ଦ ରେନ୍ କାର୍ଯ୍ୟକ୍ରମ ଶନିବାର ଶୁଭାରମ୍ଭ ହୋଇଛି। ଡିଆର୍‌ଡିଏ ସମ୍ମିଳନୀ କକ୍ଷଠାରେ ନେହେରୁ ଯୁବକେନ୍ଦ୍ର ଜିଲା ଅଧିକାରୀ ମାରିଆନୁସ ବିଲୁଙ୍ଗ କାର୍ଯ୍ୟକ୍ରମର ଲକ୍ଷ୍ୟ ବିଷୟରେ ସୂଚନା ଦେଇଥିଲେ। ୱାଟର୍ ସେଡ୍ ପ୍ରକଳ୍ପ ନିର୍ଦ୍ଦେଶକ ପି. ପଟ୍ଟନାୟକ, ଆଦର୍ଶ ସମ୍ପାଦକ ପ୍ରଦୀପ କୁମାର ବେହେରା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ବିଶ୍ୱରଞ୍ଜନ ଜେନା ବକ୍ତବ୍ୟ ରଖିଥିଲେ। ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ ଅଧକ୍ଷତା କରିଥିବାବେଳେ ଇନ୍ଦ୍ରଜିତ ପଟେଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲାସ୍ତରୀୟ ୟୁଥ୍ ପାର୍ଲାମେଣ୍ଟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଅର୍ଚ୍ଚିତା ନାୟକ, ବିଞ୍ଚା ବାଗ, ଭବାନୀଶଙ୍କର ସିଂ, ଅଂଶୁମାନ ବାରିକ, ଅଜୟ ବାଗ, ମିରାଶ୍ରୀ ପଣ୍ଡା, ଅନିଲ କୁମାର ଚୌଧୁରୀ, ରଞ୍ଜନ ବିଶ୍ୱାଳ, ଦିବ୍ୟକିଶୋର ସରାଫ, ପ୍ରତାପ କୁମାର ଦେଓଙ୍କୁ ପୁରସ୍କୃତ କରାଯାଇଥିଲା ।




ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

## ଶିକ୍ଷା, ଗବେଷଣା କ୍ଷେତ୍ରରେ ନୂଆ ରୂପ ପାଇବ

ସମ୍ବଲପୁର,୩୦।୧(ବ୍ୟୁରୋ)

**ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ବୈଠକ**

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କୁଳପତି ଭାବେ ସଞ୍ଜୀବ ମିତ୍ତଲଙ୍କ ଯୋଗଦାନ ପରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ପରେ ନୂଆ କୁଳପତି ଉଦ୍‌ବୋଧନ ଦେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦେଶର ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ନୂଆରୂପ ପାଇବ। ଏଥିପାଇଁ ସମସ୍ତ କର୍ମଚାରୀ ସଂଗଠନ, ଅଧାପକଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ। କୁଳସଚିବ ଡ. ସୀତାରାମ ପଟେଲ, ପିଜି କାଉନସିଲ ଅଧକ୍ଷ ଡ. ସଞ୍ଜିତ ସାହୁ, ହଷ୍ଟେଲ ୱାଡନ ଡ. ବିଶ୍ୱଜିତ ଶତପଥୀ, କଲେଜ ଉନ୍ନୟନ ପରିଷଦ ଅଧକ୍ଷ ଅଜୟ ବେହେରା, ମାନବସମ୍ବଳ ପ୍ରକୋଷ୍ଠ ନିର୍ଦ୍ଦେଶକ ବୁଲୁ ମହାରଣା, ସୁଟାର ସଭାପତି ସୂର୍ଯ୍ୟନାରାୟଣ ନାଏକ, ସମ୍ପାଦକ ଭବାନୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ।

## ପାଣିରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ଦେବଗଡ଼,(ଡି.ଏନ୍.ଏ.): ଦେବଗଡ ଜିଲା ବାରକୋଟ ଥାନା ଅନ୍ତର୍ଗତ ରତନପାଲି ଗ୍ରାମରେ ଗାଧୋଉଥିବା ବେଳେ ଶନିବାର ପାଣିରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଲେଖ ବେହେରା(୭୦)। ଅନ୍ୟ ଦିନଭଳି ମଧାହ୍ନରେ ସେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦିନ ୧ଟାରେ ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। କେତେକ ଦେଖି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେବା ପରେ ପୋଲିସ ମୃତଦେହ ଜବତ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ସ୍ମାର୍ଟସିଟିରେ ନାହିଁ ସ୍ମାର୍ଟ ବ୍ୟବସ୍ଥା

ରାଉରକେଲା ଅଫିସ, ୩୦।୧

ରାଉରକେଲା ସ୍ମାର୍ଟସିଟି ଘୋଷଣା ହୋଇଥିଲେ ମଧ୍ୟ ଏଠାରେ ସ୍ମାର୍ଟ ବ୍ୟବସ୍ଥା ନ ଥିବା ପରିଲକ୍ଷିତ ହୋଇଛି। ସ୍ମାର୍ଟସିଟି ଘୋଷଣାର ୫ବର୍ଷ ବିତିଯାଇଥିଲେ ମଧ୍ୟ ସହରରେ ରାସ୍ତାଠାରୁ ଆରମ୍ଭ କରି ବିଦ୍ୟୁତ୍, ସଫେଇ, ଟ୍ରାଫିକ, ଡ୍ରେନେଜ ବ୍ୟବସ୍ଥା ଶୋଚନୀୟସ୍ଥିତିରେ ରହିଛି। ସହରକୁ ସ୍ମାର୍ଟ କରିବା ପାଇଁ ୬୪୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବ ବୋଲି ଜଣାପଡ଼ିଥିଲା। କିନ୍ତୁ ରାଉରକେଲା ସ୍ମାର୍ଟସିଟି ଘୋଷଣା ହେବା ପରେ କେନ୍ଦ୍ର ସରକାର ୧୮୮ କୋଟି ଓ ରାଜ୍ୟ ସରକାର ୧୮୮ କୋଟି ଟଙ୍କା ପ୍ରଦାନ କରିଥିଲେ। ପ୍ରଥମେ ୩୭୬ କୋଟି ଟଙ୍କା ସ୍ମାର୍ଟସିଟି ଆକାଉଣ୍ଟକୁ ଆସିବା ପରେ କାମ ଆରମ୍ଭ ହୋଇଛି। କିନ୍ତୁ କାମ ବର୍ଷବର୍ଷ ଧରି ଚାଲିଥିବାରୁ ଲୋକେ ହଇରାଣ ହେଉଛନ୍ତି। ସହରରେ ଉନ୍ନତିକରଣ ନାମରେ କେଉଁଠି ରାସ୍ତା ଖୋଳାଯାଇ ବର୍ଷବର୍ଷ ଧରି ଯାତାୟତରେ ବାଧାସୃଷ୍ଟି କରାଯାଉଛି ତ ଆଉ କେଉଁଠି ଛକ ଜାଗାରେ ଥିବା ଅଳିଆକୁଣ୍ଡରେ କୁଢ଼କୁଢ଼ ଅଳିଆପଡ଼ି ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ରାଉରକେଲାକୁ କିପରି ଏକ ଉତ୍ତମ ସ୍ମାର୍ଟସିଟି କରାଯାଇ ପାରିବ ଏନେଇ ଖାଲି ଘରୋଇ କମ୍ପାନୀଗୁଡ଼ିକୁ ଡାକି ଦାୟିତ୍ୱ ପ୍ରଦାନ କରାଯାଉଛି। ସହରରେ ଅପରାଧ ରୋକିବା ପାଇଁ ଆଜିଯାଏଁ କୌଣସି ସ୍ଥାନରେ ସିସିଟିଭି ବ୍ୟବସ୍ଥା ହୋଇ ପାରି ନ ଥିବାବେଳେ ସହରରେ ଟ୍ରାଫିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ସେହିଭଳି ସହରରେ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ରାସ୍ତାକଡ଼ରେ ବିଭିନ୍ନ ଖୁଣ୍ଟରେ ବିଦ୍ୟୁତ୍ ତାରଗୁଡ଼ିକ ବିପଦସଙ୍କୁଳ ଭାବେ ଝୁଲି ରହିଛି। ସ୍ମାର୍ଟସିଟି ନାମରେ ଲୋକଙ୍କୁ ଭୂଆଁବୁଲାଇ ପ୍ରଶାସନ କୋଟି କୋଟି ଟଙ୍କା ଅଯଥାରେ ଖର୍ଚ୍ଚ କରୁଥିବା ଅଭିଯୋଗ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସ୍ମାର୍ଟସିଟି ପକ୍ଷରୁ କେବଳ ୬ଟି ପାର୍କର ଉନ୍ନତିକରଣ ପାଇଁ ୫ କୋଟି ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ ଉନ୍ନତିକରଣ ପାଇଁ ୯କୋଟି ୬୨ଲକ୍ଷ ଓ ପାନପୋଷ ଛକରୁ ଆମ୍ବେଦକର ଛକ ପର୍ଯ୍ୟନ୍ତ ସ୍ମାର୍ଟରୋଡ଼ ବାବଦରେ ୨୦ କୋଟି ୬୯ ଲକ୍ଷ, ପାନପୋଷ ମାର୍କେଟ ପୁନଃ ଉଦ୍ଧାର ପାଇଁ ୪୨ କୋଟି, ସ୍ମାର୍ଟବସ୍ ସେଲଟର ପାଇଁ ୨କୋଟି ୧ଲକ୍ଷ, ଅନ୍ୟାନ ରାସ୍ତାର ଉନ୍ନତି କରଣ ପାଇଁ ୬୦ କୋଟି ସହ ସ୍ମାର୍ଟବସ୍ ଟର୍ମିନାଲ ପାଇଁ ୧୦ କୋଟି ଟଙ୍କା ବ୍ୟୟ କରାଯାଇଥିବା ସୂଚନା ମିଳିଛି। ଆଜିଯାଏଁ ସହରରେ କୌଣସି ସ୍ଥାନରେ ସ୍ମାର୍ଟ ପାର୍କିଂ ବ୍ୟବସ୍ଥା, ସ୍ମାର୍ଟବସ୍ ଟର୍ମିନାଲ ନିର୍ମାଣ ହୋଇ ନ ଥିବା ଦେଖିବାକୁ ମିଳିଛି। ପାନପୋଷ ଛକରୁ ଆମ୍ବେଦକର ଛକ ସହରର ମୁଖ୍ୟରାସ୍ତା ହୋଇଥିବା ବେଳେ ଏହି ରାସ୍ତାରେ ବିଭିନ୍ନ ସ୍ଥାନରେ ବର୍ଷବର୍ଷ ଧରି ଖୋଳାହୋଇ ପଡ଼ିରହିଥିବାରୁ ଯାତାୟତରେ ନାହିଁ ନ ଥିବା ଅସୁବିଧା ହେଉଛି। ଏନେଇ ରାଉରକେଲା ଓକିଲ ସଂଘର ସଭାପତି ରମେଶ ବଳଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲା ସହର ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ଲୋକଙ୍କ ମନରେ ଖୁସି ଦେଖାଯାଇଥିଲା। କିନ୍ତୁ ସହରରେ କୌଣସି ଆଖିଦୃଶିଆ କାମ ହୋଇନାହିଁ। ସହରରେ ଡ୍ରେନେଜ ବ୍ୟବସ୍ଥା, ଭୂତଳ ବିଦ୍ୟୁତ୍ ସଂଯୋଗୀକରଣ ବ୍ୟବସ୍ଥା, ଅପରାଧ ରୋକିବା ପାଇଁ ସିସି କ୍ୟାମେରା, ସ୍ୱରେଜ ବ୍ୟବସ୍ଥା ଭଳି ଅନେକ କାମ ଆଜିଯାଏଁ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ସମାଜସେବୀ ଦୀପକ ତିୱାରୀ କହିଛନ୍ତି, ସ୍ମାର୍ଟସିଟିର କାମ କଚ୍ଛପ ଗତିରେ ଚାଲିଛି। ଆଗକୁ ସହରରେ ବିଶ୍ୱକପ ହକି ହେବାକୁ ଥିବାବେଳେ ବର୍ତ୍ତମାନ ସହରରେ ଥିବା ବିଭିନ୍ନ ଅସୁବିଧା ଓ ପାର୍କିଂ ବ୍ୟବସ୍ଥା ସ୍ମାର୍ଟରୋଡ଼, ଉଜ୍ଜଳ ଆଲୋକିକରଣ ବ୍ୟବସ୍ଥାରେ ବିଫଳ ହୋଇଥିବା ଦେଖିବାକୁ ମିଳିଛି। ଏନେଇ ରାଉରକେଲା ସ୍ମାର୍ଟସିଟିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମୀନକେତନ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏନେଇ ସ୍ମାର୍ଟସିଟି ବୋର୍ଡ଼କୁ ଆମେ ଅବଗତ କରାଇଛୁ। ବୋର୍ଡ଼ ପକ୍ଷରୁ ବିଭିନ୍ନ ପ୍ରୋଜେକ୍ଟ ମ୍ୟାନେଜରମାନେ ଆସି ବାକି ରହିଥିବା ସମସ୍ତ କାମକୁ ତୁରନ୍ତ ସାରିବା ପାଇଁ କହିଛନ୍ତି। ବର୍ତ୍ତମାନ ଚାଲିଥିବା କାମଗୁଡ଼ିକର କ୍ୱାଲିଟି, ମେଣ୍ଟନାସ ଯାଞ୍ଚ କରାଯାଉଥିବାରୁ ଏଭଳି କାମଗୁଡ଼ିକ ବିଳମ୍ବ ହେଉଛି। ଉକ୍ତ ବିଷୟରେ ଆରଏମ୍‌ସି ସିଇଓ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପଚାରିବାରୁ ସେ କହିଥିଲେ, ଆସନ୍ତା ୨୦୨୨ ପୂର୍ବରୁ ସ୍ମାର୍ଟସିଟିର ପ୍ରାୟ ଅଧାରୁ ଅଧିକ ଉନ୍ନତିମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ। ସେଥିମଧ୍ୟରୁ ସ୍ମାର୍ଟବସ୍ ଟର୍ମିନାଲ ନିର୍ମାଣ, ସିସି କ୍ୟାମେରା ବ୍ୟବସ୍ଥା ଭଳି କିଛି ପ୍ରୋଜେକ୍ଟକୁ ସ୍ମାର୍ଟସିଟି ବୋର୍ଡ଼ ପକ୍ଷରୁ ବାଦ ଦିଆଯାଇଛି। ମାର୍ଚ୍ଚ ସୁଦ୍ଧା ବିଭିନ୍ନ ଗାର୍ଡ଼େନ, ପାନପୋଷ ଇଣ୍ଡୋର ଷ୍ଟାଡିୟମ ଭଳି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସହରବାସୀଙ୍କ ପାଇଁ ଉତ୍ସର୍ଗ କରାଯିବ।




ରାଉରକେଲାର ରାସ୍ତାକଡ଼ରେ ଅଳିଆ ଜମା ହୋଇଛି(ବାମ) ଓ ବିଦ୍ୟୁତ୍ ତାର ଝୁଲି ରହିଛି।

- ସ୍ମାର୍ଟ ପାର୍କିଂ ବ୍ୟବସ୍ଥା, ସ୍ମାର୍ଟବସ୍ ଟର୍ମିନାଲ ନାହିଁ
- ଭୂତଳ ବିଦ୍ୟୁତ୍ ସଂଯୋଗୀକରଣ ବ୍ୟବସ୍ଥା ନାହିଁ
- ଅସମ୍ପୂର୍ଣ୍ଣ ଅବସ୍ଥାରେ ସ୍ୱରେଜ କାମ
- ରାସ୍ତାକଡ଼ରେ କୁଢ଼କୁଢ଼ ଅଳିଆ

## ସଂକ୍ଷେପରେ

### ବାଳିକା ଉଚ୍ଚ ବିଦ୍ୟାଳୟର ବିକାଶ ଲାଗି ଆଲୋଚନା

ଲୋଇସିଂହା,୩୦।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବାଳିକା ଉଚ୍ଚ ବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ହାତକୁ ନିଆଯାଇଛି। ଶନିବାର ବ୍ଲକ ଉପାଧ୍ୟକ୍ଷ ଜତିନ୍ଦ୍ର ପଟେଲ, ବିଭାଗୀୟ ଯନ୍ତ୍ରୀ ରଜନୀକାନ୍ତ ବେହେରା ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ୩ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ବିଦ୍ୟାଳୟର ମୁଖ୍ୟଗେଟ୍ କାମର କ୍ଷେତ୍ର ପରିଦର୍ଶନ କରିଥିଲେ। ଏଥିସହ ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇଙ୍କ ସହ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଉପରେ ଆଲୋଚନା କରିଥିଲେ। ବ୍ଲକର ଏକମାତ୍ର ବାଳିକା ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ରହିଥିବା ପ୍ରଧାନ ଶିକ୍ଷକ ଉକ୍ତ ପ୍ରତିନିଧି ଦଳକୁ ଜଣାଇଥିଲେ। ବିଦ୍ୟାଳୟରେ ୧୮୦ ଛାତ୍ରୀ ଥିବାବେଳେ ଗୋଟିଏ ଶୌଚାଳୟ ଥିବାରୁ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅବସରରେ ବିଦ୍ୟାଳୟରେ ଆବଶ୍ୟକ ଶୌଚାଳୟ ଓ ଏକ ଅମୃତ ଧାର ସ୍ଥାପନ ପାଇଁ ବ୍ଲକ ଉପାଧ୍ୟକ୍ଷ ପ୍ରଧାନଶିକ୍ଷକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

### ପିସିଆର ବାଇକ୍ ସେବା ଉଦ୍‌ଘାଟିତ

ତରବୋଡ/ନୂଆପଡା ଅଫିସ,୩୦।୧(ଡି.ଏନ.ଏ): ନୂଆପଡା ଜିଲା ପୋଲିସ କାର୍ଯ୍ୟାଳୟ ଠାରେ ପିସିଆର ବାଇକ ସେବା ଉଦ୍‌ଘାଟିତ ହୋଇଛି। ଏସପି ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ମୁଖ୍ୟଅତିଥି ଭାବେ ଯୋଗଦେଇ ୬ଟି ପିସିଆର ବାଇକ୍ ଉଦଘାଟନ କରିଥିଲେ। ଏହି ବାଇକ ସଦର ଥାନା ଅଞ୍ଚଳର ଆଇନ ଶୃଙ୍ଖଳା ରକ୍ଷା କରିବା ସହ ଟ୍ରାଫିକ ନିୟମ କାନୁନ ଦେଖାରଖା କରିବ। ଆଗାମୀ ଦିନରେ ଜିଲାର ସମସ୍ତ ଥାନାକୁ ପିସିଆର ବାଇକ୍ ପ୍ରଦାନ କରାଯିବ। ଏହି ବାଇକରେ ପୋଲିସ ସାଇରନ୍ ସହ ନାଲିବତୀ ଲାଗିଛି। ଏଏସ୍‌ଆଇ ଦେବାଶିଷ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଲୋଇସିଂହାରେ ଶହୀଦ ଦିବସ ପାଳିତ

ଲୋଇସିଂହା,୩୦।୧(ଡି.ଏନ.ଏ.): ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ସହାୟତା ଓ ସୁରସଙ୍ଗମ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ଆଦିବାସୀ ଭବନରେ ଶହୀଦ ଦିବସ ଶନିବାର ପାଳିତ ହୋଇଯାଇଛି। କାହ୍ନୁଚରଣ ଦର୍ଜୀଙ୍କ ଅଧ୍ୟକ୍ଷତା ଓ ସରୋଜ ମହାକୁରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସିଡିପିଓ ଶାନ୍ତି ବାରିକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ବିଭୂତିଭୂଷଣ ସାହାଣୀ ଯୋଗଦେଇଥିଲେ। ପ୍ରଜ୍ଞାପାରମିତା ବାରିକ, ରାଜେନ୍ଦ୍ର ବିଶ୍ୱାଳ, ହିତାଂଶୁ ସାହୁ, ଅଚ୍ୟୁତ ବଗର୍ତ୍ତୀ, ମଞ୍ଜୁବାଳା ମେହେର, ଡା.ପ୍ରତିମା ସୋରେନ, ଶ୍ୟାମସୁନ୍ଦର ମେହେର ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଦେଶ ଓ ଜାତି ପାଇଁ ଶହୀଦ ହୋଇଥିବା ବ୍ୟକ୍ତିବିଶେଷଙ୍କ ସ୍ମୃତିଚାରଣ କରିଥିଲେ। ପରେ ଡାକ୍ତରୀ ପାଇଥିବା ଅନନ୍ୟା ବିଶ୍ୱାଳ, ନିରୂପମା ଧରୁଆ, ସଂଗୀତା କାଲସାଏ, ଟିକେଶ୍ୱର ସତନାମୀଙ୍କ ସମେତ ଅବସରପ୍ରାପ୍ତ ସୈନିକ, ପୋଲିସ କର୍ମଚାରୀ ଓ କବିଙ୍କୁ ସମ୍ମାନୀତ କରାଯାଇଥିଲା।

### ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଡିଜିଟାଲ ଡ୍ରାଇଭ୍ କାର୍ଯ୍ୟକ୍ରମ

କୋକସରା,୩୦।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ବିଜେଡି କାର୍ଯ୍ୟାଳୟଠାରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶୁକ୍ରବାର ଡିଜିଟାଲ ସଦସ୍ୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋକସରା ବ୍ଲକ ସଭାପତି ମାନସ ରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ବିଜୁ ଜନତା ଦଳ ଆଇଟି ସେଲ୍ ସଂଯୋଜକ କିରଣ କୁମାର ପ୍ରଧାନୀ ଯୋଗ ଦେଇ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସମ୍ପାଦିକା ପୂଜା ସାଗର, ଧର୍ମଗଡ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ ଓ ବରିଷ୍ଠ ଆଇନଜୀବୀ ଅଜିତ୍ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଛାତ୍ର ଜନତା ଦଳ ଜିଲା ଉପ ସଭାପତି ମୁକ୍ତେଶ୍ୱର ନାଗ, କୋକସରା ବ୍ଲକ ଆଇଟି ସେଲ ସଂଯୋଜକ ତ୍ରିବିକ୍ରମ ବାଗଙ୍କ ସମେତ ବ୍ଲକ ବିଜୁ ଛାତ୍ର ଜନତା ଦଳର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ନାବାଳିକା ଚାଲାଣ: ମହିଳା ଗିରଫ

ରାଉରକେଲା ଅଫିସ, ୩୦।୧

ପ୍ଲାଣ୍ଟସାଇଟ୍ ପୋଲିସ ନାବାଳିକା ଚାଲାଣ ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମହିଳା ଜଣଙ୍କ ନୟାବଜାର ବାସିନ୍ଦା ଗୁରୁବାରୀ ପୂର୍ତ୍ତି(୨୭)। ନୟାବଜାର ଅଞ୍ଚଳରେ ଗୁରୁବାରୀ ବାସ କରନ୍ତି। ସେ ଦିଲ୍ଲୀରେ କାମ କରୁଥିବାବେଳେ ଉକ୍ତ ଅଞ୍ଚଳରେ ବାସ କରୁଥିବା ସଙ୍ଗୀତା ରାଓ(୩୩)ଙ୍କର ଚଉଦ ବର୍ଷର ଝିଅକୁ ସେ ଉତ୍କଳ ଏକପ୍ରେସ୍ ଟ୍ରେନ ଯୋଗେ ଦିଲ୍ଲୀ ନେଇଯାଉଥିଲେ। ଏହି ସମୟରେ ଆରପିଏଫ ପୋଲିସ ହାତରେ ମହିଳା ଜଣଙ୍କ ଧରାପଡ଼ିବା ପରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମହିଳା ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଶ୍ରଦ୍ଧାଞ୍ଜଳି ସଭାରେ ଲଳିତ ନାୟକଙ୍କ ସ୍ମୃତିଚାରଣ

ଦେଓଗାଁ, ୩୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବସ୍‌ଷ୍ଟାଣ୍ଡ ନିକଟରେ ଶନିବାର ସାମାଜିକ କର୍ମୀ ତଥା ଶ୍ରମିକ ନେତା ସ୍ୱର୍ଗତ ଲଳିତ କୁମାର ନାୟକଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନ ଦେଓଗାଁ ଶାଖା କର୍ମକର୍ତ୍ତାଙ୍କ ଆୟୋଜନ, ଯୁବନେତା ବିଶ୍ୱଜିତ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଲଳିତ ନାୟକଙ୍କ ସ୍ମୃତିଚାରଣ କରାଯାଇଥିଲା। ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ଜିଲା ସଭାପତି ସୋମନାଥ ମିଶ୍ର, ସଦସ୍ୟ ବିବେକାନନ୍ଦ ପୁଟେଲ, ବ୍ଲକ ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଡା.ଶଶୀଭୂଷଣ ସାହୁ, ସୁବଳ ରଣା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ବହୁମୁଖୀ ପ୍ରତିଭାର ଅବତାରଣା କରିଥିଲେ।

## କଳିଜାପଥରରେ ନିର୍ମାଣ ହେବ ଆଷ୍ଟ୍ରୋ ଟ୍ରଫି ହକି ଷ୍ଟାଡିୟମ

କୁତ୍ରା, ୩୦।୧ (ଡି.ଏନ.ଏ)

ରାଜ୍ୟ ସରକାରଙ୍କର କ୍ରୀଡା ବିଭାଗ ପକ୍ଷରୁ ନିର୍ମାଣ ହେବ ସମସ୍ତ ବ୍ଲକରେ ହକି ଷ୍ଟାଡିୟମ । ଏହି କ୍ରମରେ ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଳିଜାପଥର ଗ୍ରାମର ଏକ ପଡିଆକୁ ଚିହ୍ନଟ କରାଯାଇଛି। ରାଜ୍ୟ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ହକି ଷ୍ଟାଡିୟମ ପାଇଁ ସ୍ଥାନ ପରିଦର୍ଶନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜଗାଙ୍ଗପୁର ବିଧାୟକ ସିଏସ ରାଜନ ଏକ୍କା, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଶାନ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ବିନୟ ଟପ୍ପୋ, ଓଡିଶା ମୋ ପରିବାର ସଦସ୍ୟା ସୁନିତା ବିଶ୍ୱାଳ, ପୂର୍ବତନ ରାଜ୍ୟ ପରିଷଦ ସଦସ୍ୟ, ଜିଲା ପରିଷଦ ଅଧକ୍ଷା ଏମା ଏକ୍କା, କୁତ୍ରା ବ୍ଲକ ବିଡିଓ ମାନସରଞ୍ଜନ ରାୟ, ଜିଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ନାୟକ, ଅନ୍ୟାନ୍ୟ ସରକାରୀ ପଦାଧିକାରୀ, ହକି ଷ୍ଟାଡିୟମ ପାଇଁ ଚିହ୍ନଟ ହୋଇଥିବା ସ୍ଥାନ ପରିଦର୍ଶନ କରିଥିଲେ।



କଳିଜାପଥର ଗସ୍ତ ଅବସରରେ ସଭାରେ ମଞ୍ଚାସୀନ ଅତିଥି।

## ଜିଲା ସ୍ୱାସ୍ଥ୍ୟ ସମିତି ଟାସ୍କ ଫୋର୍ସ କମିଟି ବୈଠକ

ଦେବଗଡ଼,୩୦।୧(ଡ଼ି.ଏନ୍.ଏ.)

ଦେବଗଡ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଟାସ୍କ ଫୋର୍ସ କମିଟିର ଏକ ବୈଠକ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସିଡିଏମ୍‌ଓ ଡ. ମନୋଜ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ ଅନ୍ତର୍ଗତ ଫେବୃୟାରୀ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାରୁ କୃମି ନାଶକ ଔଷଧ ବିତରଣ ଉପରେ ଆଲୋଚନା କରାଯାଇଥିଲା। ଏହି ସମୟରେ ଜିଲାର ୧ ବର୍ଷରୁ ୧୯ ବର୍ଷ ବୟସ ମଧ୍ୟରେ ଥିବା ୭୯,୨୦୪ ଜଣ ପିଲାଙ୍କୁ କୃମିନାଶକ ଔଷଧ ଦିଆଯିବ। ଆଶା, ଅଙ୍ଗନୱାଡି କର୍ମୀ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ପିଲାମାନଙ୍କୁ ଏହି ଔଷଧ ଖୁଆଇବେ। ୧ ବର୍ଷରୁ ୩ ବର୍ଷ ବୟସ ମଧ୍ୟରେ ଥିବା ପିଲାମାନଙ୍କୁ କୃମିନାଶକ ସିରପ ଓ ୪ରୁ ୧୯ ବର୍ଷ ବୟସର ପିଲାମାନଙ୍କୁ ବଟିକା ଦିଆଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ସ୍ୱାସ୍ଥ୍ୟ ସମିତିର ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଦେବଗଡର ପରିଚାଳକ, ଅନ୍ୟାନ୍ୟ ଜାର୍ଯ୍ୟକ୍ରମ ଅଧିକାରୀ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ସ୍ୱାସ୍ଥ୍ୟ ଅଧିକାରୀ ଓ କାର୍ଯ୍ୟକ୍ରମ ପରିଚାଳକମାନେ ଉପସ୍ଥିତ ଥିଲେ ।

## କୋଇଡ଼ାରେ ବିଜେଡିର ବିରାଟ ସମାବେଶ

ଟେନ୍‌ସା, ୩୦।୧(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୋଇଡା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପଡିଆରେ ବିଜେଡ଼ି ନେତା କୁଶ ଆପଟଙ୍କ ଅଧ୍ୟକ୍ଷତାରେ ବିଜେଡ଼ି ପକ୍ଷରୁ ସମାବେଶ ହୋଇଥିଲା। ଗୁରୁବାର ସକାଳ ୯ଟାରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ସୁନ୍ଦରଗଡ଼ ପର୍ଯ୍ୟବେକ୍ଷକ ତଥା ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ହେଲିକ୍ୟାପ୍ଟର ଯୋଗେ ଖଣି ଅଞ୍ଚଳ କୋଇଡା ବ୍ଲକଠାରେ ପହଞ୍ଚିଥିଲେ। ମନ୍ତ୍ରୀ କୋଇଡା ବ୍ଲକର ଧୁବୁଲାବେଡ଼ା ଠାରେ ସର୍ବ ବୃହତ୍ତମ ହକି ଷ୍ଟାଡିୟମ ପାଇଁ ସ୍ଥାନ ପରିଦର୍ଶନ କରିଥିଲେ । ପରେ କୋଇଡା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ବିଜୁ ଜନତା ଦଳ ତରଫରୁ ଆୟୋଜିତ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ରକ୍ତଦାନ ଶିବିର ବୁଲି ଦେଖିଥିଲେ। ଆୟୋଜିତ ସଭାରେ କ୍ରୀଡା ମନ୍ତ୍ରୀ ଖଣି ଅଞ୍ଚଳରେ କ୍ରୀଡାର ବିକାଶ ପାଇଁ ଖୁବ୍‌ଶୀଘ୍ର କୋଇଡାଠାରେ ଏକ ହକି ଷ୍ଟାଡିୟମ ନିର୍ମାଣ କରାଯିବା ନେଇ ଘୋଷଣା କରିଥିଲେ। ସେହିପରି କୋଇଡାଠାରେ ଖୁବଶୀଘ୍ର ବାୟୁ ପ୍ରଦୂଷଣ ମୁକ୍ତ ପାର୍କ ନିର୍ମାଣ ହେବା ନେଇ ପ୍ରୀତିରଞ୍ଜନ ଘଡେଇ ଘୋଷଣା କରିଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୨୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ବେହେରା, ରାଉରକେଲା ଜିଲା ଯୁବ ବିଜେଡି ସଭାପତି ଅଭିନାଶ ସୁମନ ବାଗେ, ବରିଷ୍ଠ ବିଜେଡ଼ି ନେତା କୁଶ ଆପଟ, ଜିଲା ଯୁବ ବିଜେଡି ସମ୍ପାଦକ ଟିଟୁନ ଦାଶ, ପ୍ରଦମିନୁ ତ୍ରିପାଠୀ, ରଞ୍ଜିତ କିଷାନ, ଅଶୋକ ନାଏକ, ଦିବାକର ନାଏକ, ନଦିଆ ନାଏକ, ଜନଡୁଙ୍ଗଡୁଙ୍ଗ, ଇନ୍ଦ୍ରମଣି ବେହେରା, କିଶୋର ନାଏକ, ଜିଲା ପରିଷଦ ମିତାରାଣୀ ନାଏକ, କାଶିରା ସରପଞ୍ଚ ରଣୀ ଲୋହାର, ଟେନସା ସରପଞ୍ଚ ଅନିତା ପୂର୍ତ୍ତି, ଡେଙ୍ଗୁଳା ସରପଞ୍ଚ ଅସମତି ମୁଣ୍ଡା, ବ୍ଲକ ବିଜେଡ଼ି ସଭାପତି ରବି ମିଶ୍ର ଯୋଗଦେଇ ଥିଲେ।



କୋଇଡାରେ ବିଜେଡ଼ିର ସମାବେଶରେ ମନ୍ତ୍ରୀ ଓ ଦଳୀୟ ନେତା ମଞ୍ଚାସୀନ।

## କୃଷକ ଆନ୍ଦୋଳନରେ ଯୋଗଦେଲେ ମୁକ୍ତିକାନ୍ତ

ରାଉରକେଲା ଅଫିସ, ୩୦।୧

କୃଷକ ବିରୋଧୀ କଳା ଆଇନ ବିରୋଧରେ ଦିଲ୍ଲୀରେ ଆନ୍ଦୋଳନ ରତ କୃଷକଙ୍କୁ ସମର୍ଥନ ଜଣାଇ ରାଉରକେଲାରୁ ସାଇକେଲ ଯୋଗେ ମୁକ୍ତିକାନ୍ତ ବିଶ୍ୱାଳ ଦିଲ୍ଲୀରେ ପହଞ୍ଚିଛନ୍ତି। ଦୀର୍ଘ ୧୮ ଦିନ ଧରି ସାଇକେଲ ଯୋଗେ ଯାତ୍ରାକରି ମୁକ୍ତିକାନ୍ତ ଦିଲ୍ଲୀରେ ପହଞ୍ଚିବା ପରେ ଶତାଧିକ କୃଷକ ତାଙ୍କୁ ପାଛୋଟି ନେବା ସହିତ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଭାରତୀୟ କିଷାନ ୟୁନିୟନର ରାଷ୍ଟ୍ରୀୟ ପ୍ରବକ୍ତା ରାକେଶ ଟିକାୟତ ସହିତ ମଞ୍ଚ ଅଳଙ୍କୃତ କରିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ମୁକ୍ତିକାନ୍ତଙ୍କୁ ନିବେଦନ କରାଯାଇଥିଲା। ପରେ ମୁକ୍ତିକାନ୍ତଙ୍କୁ କିଶାନ ୟୁନିୟନର ରାଷ୍ଟ୍ରୀୟ ପ୍ରବକ୍ତା ଶ୍ରୀଟିକାୟତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁକ୍ତିକାନ୍ତ କୃଷକଙ୍କୁ ସମର୍ଥନ ଜ୍ଞାପନ ସହିତ ସମସ୍ତ କୃଷକମାନେ କୃଷି ବିରୋଧି କଳା ଆଇନ ନ ହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ କହିଥିଲେ।

## ଜାତୀୟ ମ୍ୟାଲେରିଆ ଗବେଷଣା ପ୍ରତିଷ୍ଠାନ ସ୍ଥାନାନ୍ତର ଓ କର୍ମଚାରୀଙ୍କ ବଦଳି ପ୍ରତ୍ୟାହାର ଦାବି

ରାଉରକେଲା ଅଫିସ, ୩୦।୧

ବ୍ରାହ୍ମଣୀକ୍ଲବ ପରିସରରେ ମ୍ୟାଲେରିଆ ଗବେଷଣା କେନ୍ଦ୍ର ପ୍ରକଳ୍ପ କର୍ମଚାରୀ ସଂଘ ପକ୍ଷରୁ ସଭାପତି ସୁବ୍ରତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସେକ୍ଟର-୫ ଅଞ୍ଚଳରେ ଥିବା ଜାତୀୟ ମ୍ୟାଲେରିଆ ଗବେଷଣାକେନ୍ଦ୍ର ରାଞ୍ଚିକୁ ସ୍ଥାନାନ୍ତରିତ ନ କରିବା ଓ ବିଭିନ୍ନ କର୍ମଚାରୀଙ୍କୁ ବଦଳି ନ କରିବା ପାଇଁ ସଂଘ ଦାବି କରିଛି। ୧୯୮୫ ରୁ ୧୯୯୫ ମଧ୍ୟରେ ଏହି କେନ୍ଦ୍ରଟି ରାଉରକେଲାରେ ଅବସ୍ଥିତ ଆଇ.ଡି.ଭି.ସି ମିଶନ ପ୍ରକଳ୍ପ ମ୍ୟାଲେରିଆ ଗବେଷଣାରେ ଭାରତ ବର୍ଷରେ ଶୀର୍ଷସ୍ଥାନ ଅଧିକାର କରିଥିଲା। ଏହି ଗବେଷଣା କେନ୍ଦ୍ରରେ ପ୍ରଥମେ ବିଭିନ୍ନ ବିଭାଗରେ ୬୦ ଜଣ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ବର୍ତ୍ତମାନ ମାତ୍ର ୧୯ କର୍ମଚାରୀ ଥିବା ଜଣାପଡ଼ିଛି। ହଠାତ କେନ୍ଦ୍ର ପରିବାର ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ପକ୍ଷରୁ ଏହି କେନ୍ଦ୍ରକୁ ସ୍ଥାନାନ୍ତରିତ କରିବା ଓ ବିଭିନ୍ନ କର୍ମଚାରୀଙ୍କୁ ବଦଳି କରିବାକୁ ନେଇ ମ୍ୟାଲେରିଆ ଗବେଷଣା କେନ୍ଦ୍ର ପ୍ରକଳ୍ପ କର୍ମଚାରୀ ସଂଘ ଏହାକୁ ବିରୋଧ କରିଛି। ସୁନ୍ଦରଗଡ଼ ଜିଲାରେ ବିଭିନ୍ନ ସମୟରେ ମ୍ୟାଲେରିଆ ରୋଗପାଇଁ ଏହି ଗବେଷଣାକେନ୍ଦ୍ର ପକ୍ଷରୁ ଲୋକଙ୍କୁ ସଚେତନ କରାଇବା ସହ ମ୍ୟାଲେରିଆ ଟିକାକରଣ ଓ ଏହାର ଉପଚାର ଉପରେ ଜନସାଧାରଣଙ୍କୁ ଅବଗତ କରାଉଥିଲା। ଗତବର୍ଷ ଜୁନ ୨୦ରେ ଉକ୍ତ କେନ୍ଦ୍ରକୁ ବନ୍ଦ କରିବା ପାଇଁ ଖବର ଶୁଣିବା ପରେ ରାଉରକେଲାର ଜାତୀୟ ମ୍ୟାଲେରିଆ ଗବେଷଣା ପ୍ରତିଷ୍ଠାନ ପ୍ରକଳ୍ପ କର୍ମଚାରୀ ସଂଘର ସଭାପତି ସୁବ୍ରତ ପଟ୍ଟନାୟକ ଏହି ସମ୍ବନ୍ଧରେ ଏକ ପତ୍ର ଜରିଆରେ ରାଜ୍ୟସରକାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଓ ଏମ୍‌ପି ଜୁଏଲ ଓରାଙ୍କ ସହ ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ଅବଗତ କରାଇଥିଲେ। ତେଣୁ ଜାତୀୟ ମ୍ୟାଲେରିଆ ପ୍ରତିଷ୍ଠାନ କେନ୍ଦ୍ରକୁ ରାଞ୍ଚିସହ ନ ଯୋଡ଼ି କିପରି ରାଉରକେଲା ସହରରେ ମାନ୍ୟତା ପ୍ରାପ୍ତହେବ ସେ ନେଇ ସଂଘ ଦାବି କରିଛି। ଯଦି ଆଗାମୀ ଦିନରେ ଏହି ଦାବି ପୂରଣ ନ ହୁଏ। ମ୍ୟାଲେରିଆ ଗବେଷଣା କେନ୍ଦ୍ର ପ୍ରକଳ୍ପ କର୍ମଚାରୀ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## ବାନୁଯୋର ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ: ନୂଆଗାଁ ଚାମ୍ପିୟନ

ବାଲିଶଙ୍କରା, ୩୦।୧ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକର ତିଲାଇକାନୀ ପଞ୍ଚାୟତ ବାନୁଯୋର ଗ୍ରାମରେ ବାରଲିନ କ୍ଲବ ଆନୁକୂଲ୍ୟରେ ୭ଦିନ ଧରି ଚାଲିଥିବା ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ସହିତ ଝାଡ଼ଖଣ୍ଡ, ଛତିଶଗଡ଼ର ମୋଟ ୭୦ଟି ହକିଦଳ ଯୋଗଦେଇଥିଲେ। ଫାଇନାଲ ଖେଳରେ ଗରୁଡିହ ସହିତ ନୂଆଗାଁ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ଏଥିରେ ନୂଆଗାଁ ଦଳ ୧-୦ରେ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ଖେଳ ପରିଚାଳନା କରିଥିଲେ ସୁବୀର ମିଞ୍ଜ, ପ୍ରମୋଦ ଲାକ୍ରା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ବିନୟ ଟପ୍ପୋ ଯୋଗଦେଇ କହିଥିଲେ, ଖେଳ ଦ୍ୱାରା ଭାଇଚାରା ବଜାୟ ରହିବା ସହିତ ଶରୀର ସୁସ୍ଥ ରହେ। ସମ୍ମାନିତ ଅତିଥି ଭାବେ ହେମଗିର ତହସିଲଦାର ଭିକ୍ଟୋରିଆ ଏକ୍କା, ସରପଞ୍ଚ ସରିତା କୁଜୁର, ବିନୟ ପ୍ରକାଶ ମିଞ୍ଜ, ବିନୋଦ କୁଜୁର, ମୋରିସ ବାର୍ଲା, ଅବଦୁଲ ହମିଦ ରସିଦ, କୃଷ୍ଣ ଚନ୍ଦ୍ର ରାଉତ, ମହବତ ଇସ୍ରାଏଲ, ଇମାଲ ଖାନ, ମହବତ ହମିତ ଖାନ, ପ୍ରମିଳା ବାର୍ଲା, ସାନ୍ତନୁ ବେହେରା, ଇମାକ ଖାନ, ହମିଦ ମେମନ୍ ପ୍ରମୁଖ ଯୋଗଦେଇ ପ୍ରଥମ ବିଜୟୀ ଦଳ ନୂଆଗାଁକୁ ୧୫ ହଜାର ଟଙ୍କା ସହ ସିଲ୍, ଦ୍ୱିତୀୟ ଗରୁଡିହ ଦଳକୁ ୧୦ ହଜାର ଟଙ୍କା ସହ କପ ଏବଂ ତୃତୀୟ ପୁରସ୍କାର ଶାଗଯୋର ଦଳକୁ ୭ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ । ଉକ୍ତ ଟୁର୍ନାମେଣ୍ଟକୁ ବାନୁଯୋର ବାରଲିନ୍ କ୍ଲବର ସମସ୍ତ ସଦସ୍ୟ ସହାୟତା କରିଥିଲେ।




ବାନୁଯୋର ହକି ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଖେଳାଳିଙ୍କ ସହ ଅତିଥି।

## ବାଲି ଚୋରାଚାଲାଣ: ୩୦ ହଜାର ଜରିମାନା

**ଅତାବିରା,(ଡି.ଏନ.ଏ):** ବରଗଡ ଜିଲା ଅତାବିରା ଓ ଭେଡେନ ଅଞ୍ଚଳରେ ବାଲି ଚୋରା ଚାଲାଣ ଚାଲିଛି। ଗୋଡଭଗା-ତୁରୁମ ୫୪ ନଂ. ରାଜ୍ୟ ରାଜପଥର ବଇପୁର ନିକଟରେ ଶନିବାର ଭେଡେନ ତହସିଲଦାର ଅନୀଲ ହୋତା, ଅତିରିକ୍ତ ତହସିଲଦାର ନାରାୟଣ ଡନସନା ଚଢ଼ାଉ କରି ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଧରିଥିଲେ । ଉଭୟ ଟ୍ରାକ୍ଟର ମାଲିକଙ୍କ ଠାରୁ ୧୫ ହଜାର ଟଙ୍କା ଲେଖାଏଁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।



# ଆନ୍ଦୋଳନମୁହାଁ ଚାଷୀ

**ତରବୋଡ/ନୂଆପଡା ଅଫିସ,୩୦।୧(ଡି.ଏନ.ଏ)**

ନୂଆପଡା ସଦର ବ୍ଲକ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା ଡ୍ୟାମ୍‌ରୁ ରବି ଚାଷ ପାଇଁ ପାଣି ବଣ୍ଟନକୁ ନେଇ ଉପରମୁଣ୍ଡ ଚାଷୀ ଓ ତଳମୁଣ୍ଡ ଚାଷୀଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। କେନାଲ ତଳମୁଣ୍ଡକୁ ପାଣି ଯାଉ ନ ଥିବାରୁ ଶନିବାର ତଳମୁଣ୍ଡ ଚାଷୀମାନେ ସଦର ବ୍ଲକର ୩ଟି ସ୍ଥାନରେ ରାସ୍ତା ଅବରୋଧ କରିଛନ୍ତି ।

ସୂଚନା ଅନୁସାରେ, ଗତ ୨୦୧୩ରେ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପରେ ରବି ଫସଲକୁ ନେଇ ଉଭୟ ଉପରମୁଣ୍ଡ ଓ ତଳମୁଣ୍ଡ ଚାଷୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଶେଷରେ ଗୋଟିଏ ବର୍ଷ ଉପରମୁଣ୍ଡ ଓ ପରବର୍ଷ ତଳମୁଣ୍ଡ ଚାଷୀଙ୍କୁ ପାଣି ଯୋଗାଇ ଦେବାକୁ ସ୍ଥିର ହୋଇଥିଲା। ଏଭଳି ଜଳ ବଣ୍ଟନ ବିବାଦକୁ ୭ ବର୍ଷ ବିତିଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ ହୋଇ ପାରିନାହିଁ। ଗତ ଡିସେମ୍ବର ୨୫ତାରିଖରେ ଉକ୍ତ ପ୍ରକଳ୍ପରୁ ରବି ଚାଷ ପାଇଁ ପାଣି ଛାଡିବାକୁ ସ୍ଥିର ହୋଇଥିଲା। ଉଭୟପକ୍ଷ ଚାଷୀଙ୍କ ଟଣାଓଟରାରେ ଗୋଟିଏ ମାସ ବିତିଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ଓ ଜଳସେଚନ ବିଭାଗର ଅପାରଗତା ଯୋଗୁ ପ୍ରକଳ୍ପରୁ ପାଣି ଛଡା ଯାଇପାରି ନ ଥିଲା । ଏହାର ପ୍ରତିବାଦରେ ଗତ ୧୫ ତାରିଖରେ ତଳମୁଣ୍ଡ ଚାଷୀ ଉଡାଜାହାଜ ପଡିଆ ଗୋତମା ଛକଠାରେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୩ ଦିନ ଭିତରେ ତଳମୁଣ୍ଡ ଚାଷୀଙ୍କୁ ପାଣି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିରେ ବ୍ୟତିକ୍ରମ ହେବାରୁ ତଳମୁଣ୍ଡ ଚାଷୀ ଅସନ୍ତୋଷ ପ୍ରକାଶ କରି ପୁଣି ଥରେ ଗତ ୨୧ ତାରିଖରେ ସଦର ବ୍ଲକ ସିଲଧାଠାରେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲା ପ୍ରଶାସନ ଓ ଜଳସେଚନ ବିଭାଗ ତତ୍ପର ହୋଇ ସେହିଦିନ ପୂର୍ବାହ୍ନ ୧୧ଟାରେ ଅପରଜୋଙ୍କ ଜଳସେଚନ ପ୍ରକଳ୍ପରୁ ପାଣି ଛାଡି ଦେଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ୬ରୁ ୧୬ ନମ୍ବର ପାଣି ପଞ୍ଚାୟତର ତଳମୁଣ୍ଡକୁ ପାଣି ଯାଉନାହିଁ। ଯେତିକି ପାଣି ଆସୁଛି ତାହା ଚାଷୋପଯୋଗୀ ନୁହେଁ। ଡିସେମ୍ବର ମାସରେ ରବି ଚାଷ ଆରମ୍ଭ ହୋଇଥାଏ। ହେଲେ ଚଳିତ ବର୍ଷ ଜାନୁଆରୀ ମାସ ସରି ଯାଇଥିଲେ ମଧ୍ୟ ରବି ଫସଲ ଆରମ୍ଭ ହୋଇନାହିଁ। ଏହାର ପ୍ରତିବାଦରେ ଶନିବାର ପୁଣି ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସଦର ବ୍ଲକ ଶାଖାତରା ଗାଁ ପାଖରେ ୬ ନଂ. ପାଣି ପଞ୍ଚାୟତ ଚାଷୀ ନୂଆପଡା ଧରମବନ୍ଧା ରାସ୍ତାକୁ ଅବରୋଧ କରିଥିବା ବେଳେ ୮ନଂ ପାଣି ପଞ୍ଚାୟତ ଚାଷୀ ଡୁମେରପାଣି ଭାଜିପଲା ଠାରେ ରାସ୍ତା ଅବରୋଧ କରିଛନ୍ତି। ସେହିପରି ୧୬ ନଂ. ପାଣି ପଞ୍ଚାୟତ ଚାଷୀ ହଳଦିଠାରେ ରାସ୍ତା ଅବରୋଧ କରିଛନ୍ତି । ୬ରୁ ୧୬ନଂ. ୧୧ଟି ପାଣି ପଞ୍ଚାୟତକୁ ପାଣି ନ ପହଞ୍ଚିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଅପରଜୋଙ୍କ ପ୍ରକଳ୍ପ ସଭାପତି ରାଜେଶ ନିଗମ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଧୋନୀରାମ ସାହୁ, ମନୋଜ ସାହୁ, ପ୍ରମୋଦ ସାହୁ, ଆନନ୍ଦ ସାହୁ, ଜୟ କୁମାର ସାହୁ, ଭୋଗସିଂ ମାଝି, ସଦାନନ୍ଦ ସାହୁ, କାଳୀଚରଣ ସାହୁ, ମହେଶ ନିଆଲ, କମଳଲୋଚନ ସାହୁ, ଦେବୀପ୍ରସାଦ ମିଶ୍ର, ଶୋଭା ସାହୁ, ପ୍ରମୋଦ କୁମାର ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।


ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

**ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ**
- ତଳମୁଣ୍ଡ ଚାଷୀ ପାଉନାହାନ୍ତି ପାଣି
- ରବି ଫସଲ ପ୍ରଭାବିତ
- ତେଜୁଛି ବିବାଦ

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

**ଧର୍ମଗଡ଼,୩୦।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଯୁବକ ଅପହରଣ କରି ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଶନିବାର ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୧୭ତାରିଖ ଦିନ ଛାତ୍ରୀ ଜଣକ ସନ୍ଧ୍ୟାରେ ଶୌଚ ପାଇଁ ନିକଟସ୍ଥ କେନାଲକୁ ଯାଇଥିଲେ। ଏହି ସମୟରେ ମୁରଲୀଧର ନିଆଲ ନିଜର ଦୁଇ ସହଯୋଗୀଙ୍କ ସହାୟତାରେ ତାଙ୍କୁ ଅପହରଣ କରି ନେଇଥିଲେ। ପରେ ଅଭିଯୁକ୍ତ ଜୁନାଗଡ଼ ଥାନା ଅଞ୍ଚଳରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରେ ନାବାଳିକାଙ୍କୁ ନେଇ ରଖିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଧର୍ମଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଭାରପ୍ରାପ୍ତ ଥାନା ଅଧିକାରୀ ବିପିନ କୁମାର କୂଳଦୀପ ଏକ ମାମଲା(ନଂ. ୧୭/୨୧)ରୁଜୁ କରିଥିଲେ। ପୋଲିସ ଏହି ଘଟଣାରେ ମୁରଲୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କର ୨ ସହଯୋଗୀଙ୍କୁ ଖୋଜା ଚାଲିଥିବା ତଦନ୍ତକାରୀ ପୋଲିସ ଅଫିସର କୂଳଦୀପ କହିଛନ୍ତି।

## ସଂକ୍ଷେପରେ

### କ୍ରିକେଟ: କିଲିଂ ହିଟର ଚାମ୍ପିୟନ

**ଜାମଟିକ୍ରା, ୩୦।୧(ଡି.ଏନ.ଏ):** ଅତାବିରା ବ୍ଲକ ବନହରଠାରେ ବିପିଏଲ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଫାଇନାଲ ମ୍ୟାଚ୍ କିଲିଂ ହିଟର ଓ ରାଇଜିଂ ଷ୍ଟାର ମଧ୍ୟରେ ହୋଇଥିଲା। କିଲିଂ ହିଟର ୯୦ ରନ ସଂଗ୍ରହ କରିଥିବା ବେଳେ ରାଇଜିଂ ଷ୍ଟାର ୭୧ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ନରୀନ ଭୁଏ, ମ୍ୟାନ ଅଫ୍ ଦି ସିରିଜ ଅମିତ ନାୟକ, ବେଷ୍ଟ ଉଇକେଟ କିପର କପିଳ ଡନସନା, ବେଷ୍ଟ ବୋଲର ଜିତୁ ସିଂ, ବେଷ୍ଟ କ୍ୟାଚର କାହ୍ନୁ ଭୁଏ ହୋଇଥିଲେ। ସୁଦାମ ଭୁଏ, ଶ୍ରୀକାନ୍ତ ସାହୁ, ସୁଚିତ ମେହେର ଓ ହିମାଂଶୁ ପଣ୍ଡା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। କେଦାର ଭୁଏ, ଅରକ୍ଷିତ ମେହେର, ପ୍ରଭାତ ପଟେଲ, ଅଶୋକ ପାଣ୍ଡେ, ନବୀନ ଗଡତିଆ, ଲକ୍ଷ୍ମଣ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

### ଦୁର୍ଘଟଣାରେ ଜଣେ ଗୁରୁତର

**ପଦ୍ମପୁର, ୩୦।୧ (ଡି.ଏନ.ଏ):** ପଦ୍ମପୁର ନିକଟସ୍ଥ ବରିକେଲ ବିଜାଡିହି ଛକରେ ଶନିବାର ଏକ ହାଇୱା ବାଇକ୍‌ର ପଛପଟକୁ ଧକ୍କା ଦେବାରୁ ବାଇକ ଆରୋହୀ ତେଣ୍ଡାପଦର ଗ୍ରାମର ଅଞ୍ଜନ ମେହେର ଗୁରୁତର ହୋଇଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ହାଇୱା ଡ୍ରାଇଭର ଫେରାର ଅଛନ୍ତି । ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରୁଛି।

### ଶହୀଦ ଦିବସ ପାଳିତ

**ଜାମଟିକ୍ରା, ୩୦।୧ (ଡି.ଏନ.ଏ):** ଶହୀଦ ଦିବସ ଅବସରରେ କଂଗ୍ରେସ ତରଫରୁ ଅତାବିରା ଗାନ୍ଧୀ ସ୍ମୃତି ଭବନରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଅବିନାଶ ପଧାନ, ଶ୍ୟାମ ଅଗ୍ରୱାଲ, ମୁକେଶ ଅଗ୍ରୱାଲ, ଦୀପକ ରାୟ, ମନୋଜ ସାହୁ, ଏମ୍‌ଡି ନିସାର, ମିକୁ ପଧାନ ପ୍ରମୁଖ ଯୋଗ ଦେଇଥିଲେ ।

### ନେତାଜୀ କ୍ଲବର ସାଧାରଣ ବୈଠକ

**ପାଇକମାଳ, ୩୦।୧ (ଡି.ଏନ.ଏ):** ପାଇକମାଳ ବ୍ଲକ ଜାମସେଠ ନେତାଜୀ ଯୁବକ ସଂଘର ଏକ ସାଧାରଣ ବୈଠକ ସଭାପତି ହେମନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ କ୍ଲବର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ନଟବର ପ୍ରଧାନ, ସୁନ୍ଦରମଣୀ ହଂସ, ବାସବ ମାଝୀ, ଶରତ ତାଣ୍ଡି, ନରୋତ୍ତମ ମାଝୀ, ଅକ୍ଷୟ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅକ୍ଷୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### କୁଶମେଲ ପ୍ୟାକ୍ସ ଘେରାଉ କଲା ଭାଜପା

**ଲୋଇସିଂହା,୩୦।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ପ୍ୟାକ୍ସରେ ଧାନକିଣା ଅନିୟମିତତା ଅଭିଯୋଗରେ ଭାଜପା ପକ୍ଷରୁ ପ୍ୟାକ୍ସ ଘେରାଉ କରାଯାଇଥିଲା। ପୂର୍ବତନ ମଣ୍ଡଳସଭାପତି ଟଙ୍କଧର ପଧାନ ଓ ପୂର୍ବତନ ସରପଞ୍ଚ ବିବେକା ନାହାକଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଦୀର୍ଘ ୪ ଘଣ୍ଟା କାଳ ଘେରାଉ କରିଥିଲେ। ପ୍ୟାକ୍ସରେ ବିନା କଟନୀରେ ଚାଷୀଙ୍କ ପଡି ରହିଥିବା ଧାନ ଧାନ ଉଠାଇବା ଦିଗରେ ଗୁରୁତ୍ୱ ଦେବା ଓ ବେପାରୀଙ୍କ ଧାନ କିଣା ବନ୍ଦ, କଟନୀଛଟନୀ ବନ୍ଦ, ଚାଷୀଙ୍କ ଅଖାବସ୍ତା ଟଙ୍କା ଆତ୍ମସାତକୁ ନେଇ ଭାଜପା କର୍ମୀମାନେ ପ୍ୟାକ୍ସ ଘେରାଉ କରିଥିଲେ।

### ପାଇଖାନା କାମ ସରିଛି, ବିଲ୍ ମିଳିନି

**ଅତାବିରା, ୩୦।୧ (ଡି.ଏନ.ଏ):** ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମର ଉପେନ୍ଦ୍ର ଦନ୍ତା ପାଇଖାନା ନିର୍ମାଣ କରିଥିଲେ ମଧ ଏଯାଏ ତାଙ୍କୁ ବିଲ୍ ବାବଦ ୧୨ ହଜାର ଟଙ୍କା ମିଳିନାହିଁ। ହିତାଧିକାରୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ନିଆଲି ଦନ୍ତାଙ୍କ ଆବଶ୍ୟକ ପ୍ରମାଣପତ୍ର ନେଇଥିଲେ ମଧ ବିଭାଗୀୟ ଅଧବକାରୀ ଆଜି ମିଳିବ କାଲି ମିଳିବ ବୋଲି କେବଳ ଆଶ୍ୱାସନା ଦେଉଛନ୍ତି। ଏ ନେଇ ହିତାଧିକାରୀଙ୍କ ପୁଅ ଭେଡେନ ବିଡିଓ ମୁରଲୀଧର ନାୟକଙ୍କୁ ଲିଖିତ ଭାବେ ଜଣାଇବା ସହ ପାଇଖାନା ଟଙ୍କା ହଡପ କରାଯାଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ନାୟକଙ୍କୁ ପଚରାଯିବାରୁ ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ନଳକୂପ, କୂଅ ବିଶୋଧନ ହେଉନାହିଁ

**ବିନିକା,୩୦।୧(ଡି.ଏନ୍.ଏ.)**

**ଦୂଷିତ ଜଳ ପିଇବାକୁ ବାଧ ହେଉଛନ୍ତି ଲୋକେ**

ଦୀର୍ଘ ୯ ମାସ ହେଲା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ଥିବା କୂପ ଏବଂ ନଳକୂପଗୁଡିକ ବିଶୋଧନ ହୋଇନାହିଁ । ଫଳରେ ଦୂଷିତ ଜଳ ପିଇବାକୁ ଲୋକେ ବାଧ ହେଉଛନ୍ତି।

କରୋନା ଯୋଗୁ ସାରା ଦେଶରେ କର୍ଫ୍ୟୁ ଲାଗି ରହିଥିଲା । ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇ ପଡିଥିଲା । ଏଭଳି ସ୍ଥିତିରେ ବିନିକା ଅଞ୍ଚଳରେ କାମ କରି ଜୀବିକା ନିର୍ବାହ କରୁଥିବା ବାହାର ରାଜ୍ୟର ଶ୍ରମିକ ତଥା ଘରକୁ ଫେରିଥିବା ପ୍ରବାସୀ ଶ୍ରମିକମାନଙ୍କୁ ପ୍ରତ୍ୟେକ ଗାଁର ସ୍କୁଲରେ ସୁରକ୍ଷିତ ଭାବେ ରଖା ଯାଉଥିଲା । ସେମାନେ ବିନିକା ଏନ୍‌ଏସି ଏବଂ ବ୍ଲକ ଅଧୀନ ସ୍କୁଲଗୁଡିକରେ ଥିବା ନଳକୂପ ବ୍ୟବହାର କରିଥିଲେ । ତେବେ ଗତ ୩ ମାସ ହେଲା ସ୍କୁଲରେ ଆଉ ଶ୍ରମିକ ରହୁନାହାନ୍ତି । ଏହାସତ୍ତ୍ୱେ ଏଯାଏଁ ସ୍କୁଲରେ ଥିବା ନଳକୂପଗୁଡିକ ବିଶୋଧନ କରାଯାଉନାହିଁ । ଏହାଛଡା ୧୭ଟି ଏଏନ୍‌ଏମ୍ ସେଣ୍ଟର ଅନ୍ତର୍ଭୁକ୍ତ ୨୭୩୨ କୂପ ଓ ୧୨୩୨ ନଳକୂପରେ ବ୍ଲିଚିଂ ପାଉଡର ସିଞ୍ଚନ ହୋଇନି । ଫଳରେ ଜନସାଧାରଣ ବାଧ ହୋଇ ଦୂଷିତ ଜଳକୁ ବ୍ୟବହାର କରୁଛନ୍ତି । ଏହି ପାଣି ପିଇବା ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଦେଖିବାକୁ ମିଳୁଛି । ସେହିପରି ଏହି ଅଞ୍ଚଳର ଡ୍ରେନ୍‌ରୁ ଅଳିଆ, ଆବର୍ଜନା ସଫା କରା ଯାଉ ନ ଥିବାରୁ ମଶା ବଂଶ ବୃଦ୍ଧି ପାଇବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗର ଗାଇଡଲାଇନ୍ ଅନୁସାରେ ପ୍ରତ୍ୟେକ ତିନି ମାସରେ ଥରେ କୂପ ଓ ନଳକୂପଗୁଡିକରେ ବ୍ଲିଚିଂ ପାଉଡର ସିଞ୍ଚନ ହେବା କଥା । କୂପ ଓ ନଳକୂପ ଜଳର ନମୁନା ମଧ ପରୀକ୍ଷା କରାଯିବା ଆବଶ୍ୟକ । କିନ୍ତୁ ଦାୟିତ୍ୱରେ ଥିବା କର୍ମଚାରୀମାନେ ଏହି କାର୍ଯ୍ୟ ଠିକ୍ ଭାବେ ତୁଲାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଏ ନେଇ ବିଡିଓ ନାରାୟଣ ମେହେରଙ୍କୁ ପଚାରିବାରେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ଲିଚିଂ ଫାର୍ମାସିଷ୍ଟମାନଙ୍କ ଜରିଆରେ ଦିଆଯାଇଛି। ସ୍ୱାସ୍ଥ୍ୟକର୍ମୀମାନଙ୍କ ପାଖରେ କୌଣସି କାରଣରୁ ପହଞ୍ଚି ନ ଥିଲେ ଏଭଳି ଅବ୍ୟବସ୍ଥା ଦେଖାଦେଇଛି। ଏହାର ତଦନ୍ତ କରାଯାଇ ବିହିତ ପଦକ୍ଷେପ ନିଆଯିବ।

## ଗୌଡ଼ଗାଡ଼ରୁ ଉଦ୍ଧାର ଯୁବକ ମୃତ

**ଅମରପାଲି ୩୦।୧ (ଡି. ଏନ. ଏ .)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଗୌଡ଼ଗାଡ଼ ନିକଟ ରୁଗୁଡ଼ିଗୋଠ ନିକଟରୁ ଶନିବାର ସକାଳୁ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଦମକଳ ବାହିନୀ ଉଦ୍ଧାର କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ଯୁବକଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଉଲୁଣ୍ଡା ବ୍ଲକ କାଦୋବର ପଞ୍ଚାୟତ ଅନ୍ତର୍ଗତ ନୂଆଗନିଆଁ (ଲିଂପୋଲି) ଗ୍ରାମର ଜଣେ ମୋହନ ପଧାନ(୪୦)। ତେବେ ମୃତକ ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ ନୂଆଗନିଆଁ ଗ୍ରାମର କୃଷ୍ଣଚନ୍ଦ୍ର ପଧାନଙ୍କ ପୁଅ ମୋହନ ଗତ ଗୁରୁବାର ସକାଳୁ ତାଙ୍କର ଜଣେ ସହଯୋଗୀଙ୍କ ସହିତ ବାହାରକୁ ଯାଇଥିଲେ। ତା ପରଠାରୁ ସେ ଘରକୁ ଫେରି ନଥିଲେ। ଶନିବାର ସକାଳେ ଗୌଡଗାଡ ନିକଟରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ପଡିରହିଥିବା କେତେକ ବନବିଭାଗ କର୍ମଚାରୀ ଦେଖି ତାଙ୍କପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି ବୀରମହାରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମୋହନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୋହନଙ୍କ ମୁହଁ ଏବଂ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ନାକରୁ ପ୍ରବଳ ରକ୍ତସ୍ରାବ ହେଉଥିବା ଦେଖାଯାଇଥିଲା। ତାଙ୍କୁ କେହି ଜଣେ ହତ୍ୟା କରିଥିବା ସନ୍ଦେହ କରି ତାଙ୍କ ଭାଇ ପଙ୍କଜ ପଧାନ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୀରମହାରାଜପୁର ଏସଡିପିଓ ଧିରଜ ଚୋପଦାର, ଆଇଆଇସି ପ୍ରଭା ଧନ ସଦଳବଳ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ଅନ୍ୟପକ୍ଷେ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି ।

## ଶହୀଦ ଗୁରୁବାରି ମେହେରଙ୍କ ତ୍ୟାଗର ପଟାନ୍ତର ନାହିଁ


ସଭାରେ ମଞ୍ଚାସୀନ ଅତିଥି।

**ବିନିକା,୩୦.୧(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ସଭାଗୃହରେ ବିନିକା ପ୍ରଜାମଣ୍ଡଳ ଆନ୍ଦୋଳନରେ ଶହୀଦ ବିନିକା ଜୁହ୍ନାପଡାର ଗୁରୁବାରୀ ମେହେରଙ୍କ ସ୍ମୃତିଚାରଣ କରାଯାଇଥିଲା। ଶନିବାର ଶହୀଦ ଗୁରୁବାରୀ ମେହେର ସ୍ମୃତି କମିଟି ବିନିକା ସଭାପତି ବିଶ୍ୱନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଖିରାମ ନାଏକ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ଐତିହାସିକ ରାମେଶ୍ୱର ନାଏକ, ସମ୍ମାନୀତ ଅତିଥି ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧକ୍ଷ ଧରେନ୍ଦ୍ର ନାୟକ, ସାମାଜିକ କର୍ମୀ ସ୍ୱାଧୀନ ମେହେର, ଘାସିରାମ ପଣ୍ଡା ଓ ସୋମନାଥ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ପ୍ରଜା ମଣ୍ଡଳ ଆନ୍ଦୋଳନରେ ଶହୀଦ ଗୁରୁବାରୀ ମେହେରଙ୍କ ତ୍ୟାଗର ପଟାନ୍ତର ନାହିଁ ବୋଲି ବକ୍ତାମାନେ କହିଥିଲେ। କମିଟି ସମ୍ପାଦକ ଧର୍ମେନ୍ଦ୍ର ଥନାପତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଭା ପରିଚାଳନା କରିଥିଲେ ହିମାଂଶୁ ପଣ୍ଡା । ଏହି ଅବସରରେ ଶହୀଦ ଗୁରୁବାରୀଙ୍କର ଅମରାବଳୀକୁ ନିଜ ଆଖିରେ ଦେଖିଥିବା ବିନିକା ଜୁହ୍ନାପଡାର ୯୦ ବର୍ଷୀୟ ମଧୁ ମେହେରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଶହୀଦ ଗୁରୁବାରୀ କମିଟି ସହସମ୍ପାଦକ ଡମ୍ବରୁ ମେହେର, ମାନଗୋବିନ୍ଦ ମେହେର, ମହାବୀର ଅଗ୍ରୱାଲ, ହାଡିବନ୍ଧୁ ମେହେର, ଉଷତ୍ କର, ରେଖା ପଧାନ, ଧର୍ମରାଜ ପଣ୍ଡା, ମାନସ ବେହେରା।

## କାମ କରି ପାଉଣା ପାଇନାହାନ୍ତି ଶ୍ରମିକ


ଖପ୍ରାଖୋଲ ପଞ୍ଚାୟତ ସମିତି ଅଫିସ ସମ୍ମୁଖରେ ପାଉଣା ପାଇ ନ ଥିବା ଶ୍ରମିକମାନେ।

**ଖପ୍ରାଖୋଲ, ୩୦।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ବଡଗୁର୍ଜିଭଟା ଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଶ୍ରମିକମାନେ କାମ କରି ଏକ ମାସ ହେଲା ପାଉଣା ପାଇ ନ ଥିବା ଅଭିଯୋଗ ହୋଇଛି । ଗାଁ ରାମ ମନ୍ଦିରଠାରୁ ମହୁଲଶୁଖା ଟାଙ୍ଗର ରାସ୍ତାର ଉନ୍ନତିକରଣ ପାଇଁ ଏମ୍‌ଜିଏନ୍‌ଆରଇଜିଏସରେ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାମ ଚାଲିଛି। ଏହି ପ୍ରକଳ୍ପରେ ଗାଁର ୬୦ରୁ ଊର୍ଦ୍ଧ୍ୱ ଜବ୍ କାର୍ଡଧାରୀ ଶ୍ରମିକ କାମ କରିଛନ୍ତି। ହେଲେ ଏକ ମାସ ହେଲା ସେମାନେ ପାଉଣା ପାଇ ନ ଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ମଜୁରି ପ୍ରଦାନ କରିବାକୁ ଦଶରଥ ସାହୁ, କୃଷ୍ଣ ବର୍ଗେ, ଲତା ବର୍ଗେ, କୁନୁ ମୁଣ୍ଡା, ମିଟୁ ପଧାନ, ଦଶରଥ ବରିହା ପ୍ରମୁଖ ଶ୍ରମିକମାନେ ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏ ନେଇ ବିଡିଓ ସୁନାଙ୍କୁ ପଚାରିବାରୁ ସମସ୍ତ ଶ୍ରମିକଙ୍କ ଏଫଟିଓ ହୋଇଯାଇଛି। ହେଲେ ପାଉଣା ବ୍ୟାଙ୍କ ଖାତାରେ ପଡିନାହିଁ । ଦିନେ ଦୁଇଦିନ ମଧ୍ୟରେ ଖାତାରେ ପାଉଣା ପଡିବ ବୋଲି କହିଛନ୍ତି।

## ଶହୀଦ ଦିବସରେ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୩୦।୧**

ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଉପଜିଲାପାଳ ପ୍ରଭାସ ଦଣ୍ଡସନାଙ୍କ ସମେତ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ସେମାନେ ସ୍ୱତନ୍ତ୍ରତା ସଂଗ୍ରାମରେ ପ୍ରାଣ ବଳି ଦେଇଥିବା ଶହୀଦମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଆହତ

**ଜୁନାଗଡ,୩୦।୧(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଟିଗାଁ ନିକଟରେ ଶନିବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ଜଣ ଆହତ ହୋଇଛନ୍ତି। ମୃତକ ହେଲେ ନୀଳାମ୍ବର ପାଣ୍ଡେ(୪୮) ଏବଂ ସେ ବ୍ଲକର ବକ୍ସିତୁଳସୀପାଲି ଗ୍ରାମର ବୋଲି ଜଣାପଡିଛି। ଆହତ ବ୍ୟକ୍ତିମାନେ ହେଲେ ବକ୍ସିତୁଳସୀପାଲି ଗ୍ରାମର ଭୋଲା ପାଣ୍ଡେ(୨୮), ରାୟଗଡା ଜିଲା କାଶୀପୁର ଥାନା ବରଙ୍ଗପାସ ଗ୍ରାମର କରନ ନାଏକ(୪୦) ଓ ଚୈତନ୍ୟ ମାଝୀ(୨୫)। ସମସ୍ତ ଆହତଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଏକ ହିରୋ ଗ୍ଲାମର ବାଇକ୍ (ନଂ. ଓଡି୦୮କେ/୯୩୨୫)ରେ ଭୋଲା ଓ ନୀଳାମ୍ବର ଯାଉଥିବା ବେଳେ ଅନ୍ୟ ଏକ ବାଇକ୍ (ନଂ.୦ଡି୧୮ଏ/୯୮୦୫)ରେ କରନ ଓ ଚୈତନ୍ୟ ଆସୁଥିଲେ। ଜୁନାଗଡ ବ୍ଲକ ମାଟିଗାଁ ନିକଟରେ ଉଭୟଙ୍କ ମଧ୍ୟରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ ତଦନ୍ତ ଆରମ୍ଭ କରିଛନ୍ତି।

## କୋକସରା ଥାନାରେ ପ୍ରେମୀ ଯୁଗଳଙ୍କ ବାହାଘର

**କୋକସରା,୩୦।୧(ଡି.ଏନ.ଏ.)**

ପରିବାରର ବିରୋଧ ସତ୍ତ୍ୱେ ଶେଷରେ ପ୍ରେମୀଯୁଗଳଙ୍କ ପ୍ରେମର ହୋଇଛି ବିଜୟ। କୋର୍ଟ ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଜିଲା କୋକସରା ଥାନାରେ ଶୁକ୍ରବାର ଉଭୟଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ନବଦମ୍ପତି ହେଲେ କୋକସରା ଥାନା ଅନ୍ତର୍ଗତ ଖପ୍ରାମାଳ ଗ୍ରାମର ରାଜେଶ କୁମାର ରାଉତ ଓ ବେହେରା ଗ୍ରାମର ଶକୁନ୍ତଳା ଗୋପାଳ। ଦୁହେଁ ଏକାଠି କାମ କରୁଥିଲେ। ରାଜେଶ ଏକ ଟ୍ରାକ୍ଟରରେ ଡ୍ରାଇଭର ଥିବା ବେଳେ ଯୁବତୀ ଜଣକ ଶ୍ରମିକ ଭାବେ କାମ କରୁଥିଲେ। ସେମାନଙ୍କ ମଧ୍ୟରେ ସମୟକ୍ରମେ ଗଢି ଉଠିଥିଲା ପ୍ରେମ ସମ୍ପର୍କ। ଯେତେବେଳେ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଲେ ଜାତିକୁ ନେଇ ପରିବାର ମଧ୍ୟରେ ବିରୋଧର ସ୍ୱର ଉଠିଲା । ଗତ କିଛି ଦିନ ତଳେ ସେମାନେ ଘରୁ ଲୁଚି ପଳାଇ ଗଲେ। ପରେ ଯୁବତୀଙ୍କ ବାପା ଝିଅ ନିଖୋଜ ଥିବା ନେଇ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଉଭୟଙ୍କୁ ଠାବ କରିଥିଲେ । ଦୁଇ ଜଣ ସାବାଳକ ଥିବା ଯୋଗୁ ସେମାନଙ୍କ ବୟାନ ନିଆଯାଇଥିଲା। ଏହାପରେ କୋର୍ଟ ପକ୍ଷରୁ ବିବାହ ବନ୍ଧନରେ ଆବଦ୍ଧ ହେବା ପାଇଁ ଅନୁମତି ମିଳିଥିଲା। ଏନେଇ କୋକସରା ଥାନା ଅଧିକାରୀ ବାସୁଦେବ ଛତ୍ରିଆଙ୍କୁ ପଚାରିବାରେ ଦୁଇ ଜଣ ପ୍ରାପ୍ତ ବୟସ୍କ ହୋଇଥିବାରୁ ବିବାହ କରିବା ପାଇଁ ଆଇନ ଅନୁଯାୟୀ କିଛି କଟକଣା ନାହିଁ । ଏଣୁ ଉଭୟଙ୍କୁ ବିବାହ କରିବାକୁ ଅନୁମତି ଦିଆଯାଇଥିବା କହିଛନ୍ତି ।


ବିବାହପରେ ପ୍ରେମୀ ଯୁଗଳ।